## ବୋଲେରୋ ଚୋରି ଘଟଣା: ଅଭିଯୁକ୍ତ ଗିରଫ

**ଧର୍ମଶାଳା,(ଡି.ଏନ.ଏ.):** ଧର୍ମଶାଳା ଥାନା ବେତଣ୍ଡା ଗ୍ରାମରୁ ବୋଲେରୋ ଚୋରି ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଭଦ୍ରକ ଜିଲା ଭଣ୍ଡରିପୋଖରୀ ଅଞ୍ଚଳର ପ୍ରଶାନ୍ତ ରାଉତ(୪୪)। ଏହି ଥାନା ବେତଣ୍ଡା ଗ୍ରାମର କୁଳମଣି ପରିଡ଼ାଙ୍କ ବୋଲେରୋ ଘର ପାଖରେ ଥିବା ବେଳେ ଜାନୁୟାରୀ ୨୫ରେ କେହି ଦୁର୍ବୃତ୍ତ ଚୋରି କରି ନେଇଥିଲେ। ଏନେଇ କୁଳମଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୦ ଦିନ ପରେ ବୋଲେରୋକୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ ହେଁ ଅଭିଯୁକ୍ତଙ୍କୁ ଗିରଫ କରିପାରି ନ ଥିଲା। ତେବେ ଅଭିଯୁକ୍ତ ଜଣକ ଘରେ ଥିବା ସୁରାକ ପାଇ ପୋଲିସ ତାଙ୍କ ଘରେ ଚଢ଼ାଉ କରିଥିଲା ବୋଲି ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## ପୁଅ କଟୁରି ଚୋଟରେ ବାପା ଗୁରୁତର

**ଚଣ୍ଡିଖୋଲ/ଛତିଆ,୨୯।୫(ଡି.ଏନ.ଏ.):** ଯାଜପୁର ଜିଲା ବୈରି ଥାନା ଅନ୍ତର୍ଗତ ଚମ୍ପାପୁର ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ପୁଅ କଟୁରି ଚୋଟରେ ବାପା ଗୁରୁତର ହୋଇଥିବା ଭଳି ଅଭାବନୀୟ ଘଟଣା ଘଟିଛି। ଗ୍ରାମର ବାବାଜୀ ଦାସ (୫୨)ଙ୍କୁ ତାଙ୍କର ମଧ୍ୟମ ପୁତ୍ର ଭୋଳା (୩୨) କଟୁରି ଓ ଠେଙ୍ଗାରେ ଆକ୍ରମଣ କରିଥିବା ବୈରି ଥାନାରେ ଅଭିଯୋଗ ହୋଇଛି। ଗୁରୁତର ବାବାଜୀଙ୍କୁ ପଡ଼ୋଶୀ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କର ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହ ବାମ ହାତଟି ଭାଙ୍ଗି ଯାଇଥିବା ଜଣାପଡ଼ିଛି। ପୁଅ ଭୋଳା ବାରମ୍ବାର ଏଭଳି କାଣ୍ଡ ଘଟାଉଥିବା ବାବାଜୀ କହିଛନ୍ତି। ଆକ୍ରମଣର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ଏହା ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ ନେଇ ହୋଇଥିବା ସନ୍ଦେହ କରାଯାଉଛି। ଥାନାରେ ନୂତନ କରି ଯୋଗଦେଇଥିବା ଥାନାଧିକାରୀ ସଂଘମିତ୍ରା ନାୟକ ଘଟଣାର ତଦନ୍ତ ଜାରି ରଖିଛନ୍ତି।

## ରଡ୍ ଚୋରି ଅଭିଯୋଗରେ ଯୁବକ ଗିରଫ

**ଧର୍ମଶାଳା,୨୯।୫(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ତଥା ଜେନାପୁର ଥାନା ଅନ୍ତର୍ଗତ ବଳରାମପୁରଗଡସ୍ଥିତ କ୍ରଶରରୁ ଲୁହା ରଡ୍ ଚୋରି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ରଡ୍ ଓ ଏକ ବାଇକ ଜବତ କରିଛି। ଗିରଫ ଅଭିଯୁକ୍ତ କବାଟବନ୍ଧ ଅଞ୍ଚଳର ରମେଶ ଜେନା (୨୫) ବୋଲି ଜଣାପଡ଼ିଛି। ୨୭ ତାରିଖ ରାତିରେ ବଳରାମପୁରଗଡ୍‌ଠାରେ ଥିବା ପ୍ରଣବ ମହାନ୍ତିଙ୍କ କ୍ରଶରରୁ ରଡ୍ ଚୋରି ହୋଇଥିଲା। ଏନେଇ ପ୍ରଣବ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୬୬/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ରମେଶଙ୍କୁ ପୋଲିସ ଶୁକ୍ରବାର ରାତିରେ ଗିରଫ କରିଥିଲା। ଶନିବାର ତାଙ୍କୁ ପୋଲିସ ଚଣ୍ଡିଖୋଲ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

## ମୋରମ ବୋଝେଇ ଟ୍ରକ୍ ଜବତ




**ଚଣ୍ଡିଖୋଲ,୨୯।୫(ଡି.ଏନ.ଏ.):** ଦର୍ପଣ ତହସିଲ ଚାରିନଙ୍ଗଳ ପଞ୍ଚାୟତ ଅଧୀନ ଧାଉଡ଼ିଆପଦା ପାହାଡ଼ରେ ବେଆଇନ ଭାବେ ଖନନ କରାଯାଇ ଶହଶହ ଟ୍ରକ୍ ମୋରମ ଚୋରାଚାଲାଣ କରାଯାଉଛି। ତେବେ କୌଣସି ସୂତ୍ରରୁ ଖବର ପାଇ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ ଶୁକ୍ରବାର ସନ୍ଧ୍ୟାରେ ଚଢ଼ାଉ କରି ମୋରମ ବୋଝେଇ ହୋଇଥିବା ଏକ ଟ୍ରକ୍‌କୁ ଜବତ କରିଥିଲେ। ଘଟଣାସ୍ଥଳରୁ ଅନ୍ୟ ଦୁଇଟି ଟ୍ରକ୍ ଖସିଯାଇଥିଲା। ଜବତ ଟ୍ରକ୍‌ଠାରୁ ୧୮,୪୮୦ଟଙ୍କା ଜରିମାନା ଆଦାୟ ପରେ ଟ୍ରକ୍‌କୁ ଛଡ଼ାଯାଇଥିବା ତହସିଲଦାର୍ ସେଠୀ ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ତହସିଲ୍ ଅନ୍ତର୍ଗତ ମାଣ୍ଡୁକା, ଚଣ୍ଡିଆ, ଅଚ୍ୟୁତବସନ୍ତ ଓ ଧାଉଡ଼ିଆ ପାହାଡ଼ରେ ବେଆଇନ ଖନନ କରି ଦୈନିକ ଶହ ଶହ ଟ୍ରିପ୍ ମୋରମ ଓ ବୋଲ୍ଡର ଚୋରାଚାଲାଣ ହେଉଛି। ଏନେଇ ବୁଦ୍ଧିଜୀବୀମାନେ ନୂତନ କରି ଯୋଗଦେଇଥିବା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## କଂଗ୍ରେସ ପକ୍ଷରୁ କରୋନା ସଚେତନତା

**ଧର୍ମଶାଳା,୨୯।୫(ଡି.ଏନ.ଏ.):** ଧର୍ମଶାଳା ବ୍ଲକ କଂଗ୍ରେସ ପକ୍ଷରୁ ଶୁକ୍ରବାର ଧର୍ମଶାଳା ହାଟରେ ଲୋକଙ୍କୁ କରୋନା ସମ୍ପର୍କରେ ସଚେତନ କରାଯିବା ସହ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଛି। ମହାମାରୀ କରୋନା ଏବେ ତା'ର କାୟା ବିସ୍ତାର କରିଥିବା ବେଳେ ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ପଜିଟିଭ ଚିହ୍ନଟ ହେଉଛନ୍ତି। ତେବେ ସାମାଜିକ ଦୁରତା ଓ ମାସ୍କ ପରିଧାନ ଏହି ରୋଗର ଏକମାତ୍ର ନିଦାନ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ଏହାକୁ ଆଧାର କରି ଧର୍ମଶାଳା କଂଗ୍ରେସ ପକ୍ଷରୁ ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ କିଶାନ ପଣ୍ଡାଙ୍କ ନେତୃତ୍ୱରେ ଉପରୋକ୍ତ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ କୃଷକ ନେତା ବସନ୍ତ ପରିଡ଼ା, ସୁଧାକର ରାଉତ, ପ୍ରଫୁଲ୍ଲ କୁମାର ରାୟ, ଦେବାଶିଷ ପରିଡ଼ା ଓ କାର୍ତ୍ତିକ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଧାନ ବୁଣା, ପହ୍ଲା ପ୍ରସ୍ତୁତି ଚୂରମାର

ଯାଜପୁର ଅଫିସ/ଦଶରଥପୁର(ଡି.ଏନ.ଏ.),୨୯।୫

ସାଧାରଣତଃ ନିଜ ଜମିରେ ବୁଣା ଓ ରୁଆ ପାଇଁ ପହ୍ଲା ପକାଇବାକୁ ଜୁନ ମାସର ପ୍ରଥମ ବର୍ଷାକୁ ଅନେଇ ବସିଥାଏ ଚାଷୀ। ହେଲେ ଯାଜପୁର ଜିଲା ଦଶରଥପୁର ବ୍ଲକଦେଇ ପ୍ରବାହିତ ବୈତରଣୀର ଶାଖା କାଣୀ ନଦୀରେ ଘାଇ ଚାଷୀଙ୍କ ଯୋଜନାକୁ ଚୂରମାର କରିଦେଇଛି। ଏହି ବ୍ଲକର ମଲ୍ଲିକାପୁର, କଷପା, ତରପଦା, ନିଜାମପୁର, ସୁସୁଆଁ, କୟାଁ, ଖାନନଗର, କମାରଡ଼ିହ, ଥାଳକୁଡି, ଦୁଦୁରାଅନ୍ତା, ମଙ୍ଗଳପୁର ଗ୍ରାମ ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗ୍ରାମର ଚାଷଜମି ବନ୍ୟାପାଣିରେ ଜଳମଗ୍ନ ହୋଇଛି। ମାଟି କାଦୁଅରେ ଜମିର ଉର୍ବରତା ନଷ୍ଟ ହୋଇଯାଇଛି। ଆଗକୁ ଧାନ ରୁଆ ପାଇଁ ପହ୍ଲା ପକାଇବା ଅସମ୍ଭବ ମନେ ହେଉଛି। ଜିଲା ପ୍ରଶାସନର ଦୂରଦୃଷ୍ଟି ଅଭାବ ଏବଂ ଦୁର୍ବଳ ନଦୀବନ୍ଧ ଚିହ୍ନଟରେ ତ୍ରୁଟି ଚାଷୀଙ୍କ ପାଇଁ କାଳ ହୋଇଛି।

ବାତ୍ୟା 'ୟାସ୍' ଯୋଗୁ ଯାଜପୁର ଜିଲାର ବୈତରଣୀ ଓ ଏହାର ଶାଖା କାଣୀ ନଦୀରେ ବନ୍ୟାଜଳ ପ୍ରବାହିତ ହୋଇଛି। ଏଥିଯୋଗୁ ଜିଲାର ପ୍ରାୟ ୮୦୦ ହେକ୍ଟର ଚାଷଜମି ପଟୁ ଓ ବାଲିରେ ପୋତି ହୋଇପଡ଼ିଛି। ଗତବର୍ଷ ବନ୍ୟାରେ ଫସଲ ଧୋଇ ହୋଇଯାଇଥିଲା। ସେହି କ୍ଷୟକ୍ଷତିର ସହାୟତା ରାଶି ଚାଷୀ ଏଯାଏ ପାଇ ନାହାନ୍ତି। ଯେଉଁମାନେ ଋଣ ଆଣି ଚାଷ କାର୍ଯ୍ୟରେ ଅର୍ଥ ବିନିଯୋଗ କରିଥିଲେ ଲାଭ ପାଇବା ତ ଦୂରର କଥା ମୂଳ ଧନ ହରାଇ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସେମାନଙ୍କ ସବୁ ସ୍ୱପ୍ନ ଉଜୁଡି ଯାଇଛି। ବଞ୍ଚିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଅନ୍ୟପଟେ କରୋନା ଯୋଗୁ ଚାଷୀଙ୍କ ଅତିରିକ୍ତ ବ୍ୟବସାୟ ମଧ୍ୟ ନାହିଁ। ପରିବାର ପ୍ରତିପୋଷଣ ଏବେ ମୁଖ୍ୟ ଚିନ୍ତା। ଘରଦ୍ୱାର ଛାଡ଼ି ବାହାରକୁ ମୂଲ ମଜୁରି କରିବାକୁ ଯିବା ପାଇଁ ମଧ୍ୟ କରୋନା ପ୍ରତିବନ୍ଧକ ସାଜିଛି ବୋଲି କହୁଛନ୍ତି। ଦଶରଥପୁର ବ୍ଲକ ଅଞ୍ଚଳରେ ବହୁ ଖାଲୁଆ ଜମି ରହିଛି। ଏହାବାଦ ପୂର୍ଣ୍ଣମୀ ତିଥି ଯୋଗୁ ସମୁଦ୍ରକୁ ବନ୍ୟାଜଳ ସହଜରେ ନିଷ୍କାସନ ହୋଇ ପାରୁନାହିଁ। ବନ୍ୟା ଆମର ଜୀବନକୁ ତଳିତଳାନ୍ତ କରି ସବୁ ସର୍ବନାଶ କରି ଦେଇଛି ବୋଲି ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ଜିଲାର ମାଟି ଘରଗୁଡିକ ବନ୍ୟା ପାଣିରେ ଧୋଇ ହୋଇଯାଇଥିବାବେଳେ ବହୁ ପରିବାରଙ୍କ ମୁଣ୍ଡ ଗୁଞ୍ଜିବାକୁ କୁଡ଼ିଆ ଖଣ୍ଡେ ନାହିଁ। ଖାଦ୍ୟ, ବସ୍ତ୍ର ଓ ବାସଗୃହ ମଣିଷର ଅତ୍ୟାବଶ୍ୟକ ହୋଇଥିବାବେଳେ ଚଳିତ ବନ୍ୟା ସେସବୁକୁ ମଣିଷ ହାତରୁ ଲୁଟି ନେଇଛି। ଏବେ ଗ୍ରାମବାସୀ କେବଳ ପ୍ରଶାସନର ସାହାଯ୍ୟକୁ ଅପେକ୍ଷା କରିଛନ୍ତି। ନିଜାମପୁର ପଞ୍ଚାୟତର ଚାଷୀ ଅଲେଖ ଚନ୍ଦ୍ର ବିଶ୍ୱାଳ କୁହନ୍ତି, ଆଉ ସପ୍ତାହ ସମୟ ଅତିକ୍ରାନ୍ତ ହୋଇଥିଲେ ସେ କ୍ଷେତରେ ବିହନ ବୁଣିଥାନ୍ତେ। କିନ୍ତୁ ବନ୍ୟା ଯୋଗୁ ଚାଷଜମି ପ୍ରାୟ ୧ ମାସ ପର୍ଯ୍ୟନ୍ତ ଚାଷ ଉପଯୋଗୀ ହେବା ସମ୍ଭାବନା ନାହିଁ। ଏହି ପରିସ୍ଥିତିରେ କିଣିଥିବା ବିହନ ନଷ୍ଟ ହେବ। ବାଲି ମାଡି ଯାଇଥିବାରୁ ଚାଷ ଜମିର ଉର୍ବରତା ନଷ୍ଟ ହୋଇଛି। ଥାଳକୁଡି ପଞ୍ଚାୟତର ଚାଷୀ ଭରତଚନ୍ଦ୍ର ମଲ୍ଲିକ କୁହନ୍ତି, ଚାଷଜମିରେ ହଳ କରି ସାରିଥିଲେ। ଖାଲି ଧାନ ବୁଣିବା ବାକି ରହିଥିଲା। ବନ୍ୟା ପାଣି ଉକ୍ତ ଚାଷଜମିକୁ ଧୋଇ ନେଇଛି। ଅତ୍ୟଧିକ ମାଟି ଓ ବାଲି ଯୋଗୁ ଚଳିତ ବର୍ଷ ଆଉ ଧାନ ଚାଷ ହୋଇପାରିବ କି ନାହିଁ ତାହା ସନ୍ଦେହରେ ରହିଛି।



ବନ୍ୟା ପାଣିରେ ଚାଷ ଜମି ବୁଡ଼ି ରହିଛି।

**କାଣୀ ନଦୀରେ ଘାଇ, ଚାଷ ଜମିରେ ପାଣି**

## ୮ ଦିନ ଦରମା କାଟକୁ ନେଇ ଅସନ୍ତୋଷ

କାଳିଆପାଣି, ୨୯।୫(ଡି.ଏନ.ଏ.)

**ପୁଣି ଶ୍ରମିକଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ**

ଓଡ଼ିଶା ଖଣି ନିଗମ (ଓଏମସି) ଦକ୍ଷିଣ କାଳିଆପାଣି ଖଣି ଉତ୍ପାଦନ କାର୍ଯ୍ୟରେ ନିୟୋଜିତ ବିଜିଆର ପ୍ରାଇଭେଟ ଲିମିଟେଡ଼ ଠିକାସଂସ୍ଥାର ମନମାନି ସୀମା ଲଂଘିଛି। ରାଜ୍ୟ ସରକାର, ଜିଲା ପ୍ରଶାସନ କିମ୍ବା ଓଏମସି କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ କୋହଳ ହେଉଥିବାରୁ ଗରିବ ଖଣି ଶ୍ରମିକଙ୍କ ପେଟରେ ଲାତ ମାରିବାକୁ ଠିକାସଂସ୍ଥା ପଛାଉ ନାହିଁ। ଗତ ମାସ ଦରମାର ୮ ଦିନର ପ୍ରାପ୍ୟ କାଟି ଶ୍ରମିକଙ୍କ ଉପରେ ଏକ ପ୍ରକାର ମାନସିକ ଅତ୍ୟାଚାର କରାଯାଉଥିବା ଶ୍ରମିକ ମହଲରେ ଅଭିଯୋଗ ହେଉଛି। ଏଥିଯୋଗୁ କାଳିଆପାଣି ଖଣି ଅଞ୍ଚଳରେ ଶ୍ରମିକ ଅଶାନ୍ତି ଲାଗି ରହିଛି।

ଗତ ୧୭ ତାରିଖରେ ୧୩୧ ଛଟେଇ କର୍ମଚାରୀ ମାମଲାର ତ୍ରିପାକ୍ଷିକ ସମାଧାନ କରାଯାଇ ଖଣି କାମ ଚାଲିଥିଲା। ଶନିବାର ଦରମା କାଟ ନେଇ ଶ୍ରମିକ କର୍ମଚାରୀମାନେ କାମ ବନ୍ଦ କରିଦେଇଥିବା ସୂଚନା ମିଳିଛି। ଏନେଇ ଶ୍ରମିକ କର୍ମଚାରୀମାନେ ବିଜିଆର ସଂସ୍ଥାର ପରିଚାଳକ ୟାକୁବ ରେଡ୍ଡିଙ୍କୁ ପଚାରିବାରୁ ନୋ ୱାର୍କ ନୋ ପେ ଅନୁଯାୟୀ ଦରମା କଟା ଯାଇଥିବା ପ୍ରକାଶ କରିଥିଲେ । ଯାହାକୁ ନେଇ ଖଣି କାର୍ଯ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବା କର୍ମଚାରୀମାନେ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ଗତ ୧୭ ତାରିଖରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ ଜୁନ୍ ୩୦ ତାରିଖ ସୁଦ୍ଧା ଓଏମ୍‌ସି ତାର ଉତ୍ପାଦନ କ୍ଷମତା ବଢାଇବ ଓ ଛଟେଇ ୧୩୧ କର୍ମଚାରୀ ସେ ପର୍ଯ୍ୟନ୍ତ କାମ କରିବେ ବୋଲି ଚୁକ୍ତି ହୋଇଥିଲା। ହେଲେ ଠିକାସଂସ୍ଥା କିପରି କର୍ମଚାରୀଙ୍କ ଦରମା କାଟ କରିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏନେଇ ବିଜିଆର ବରିଷ୍ଠ ପରିଚାଳକ ଶିବା ରେଡ୍ଡିଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଆମେ କମ୍ପାନୀ ନୀତି ନିୟମ ଅନୁସାରେ କାମ କରୁଛୁ। ତଦନୁସାରେ ଦରମା କାଟ ହୋଇଛି।

## ସାମନ୍ତରାପୁରକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ଦାବି



ସାପ୍ତାହିକ ହାଟରେ ସାମାଜିକ ଦୂରତ୍ୱ ନାହିଁ।

ରସୁଲପୁର,୨୯।୫(ଡି.ଏନ.ଏ.)

- ସାପ୍ତାହିକ ହାଟରେ ଲାଗୁଛି ଗହଳି
- ସଂଗରୋଧ କଟକଣା ମାନୁନାହାନ୍ତି ଆକ୍ରାନ୍ତ

ରସୁଲପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତରେ କରୋନା ଗୋଷ୍ଠୀ ସଂକ୍ରମଣ ମୁହାଁ ବୋଲି ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଏଠାରେ ଏକାଥରକେ ୬୦ରୁ ଉର୍ଦ୍ଧ୍ୱ ଲୋକଙ୍କଠାରେ ପଜିଟିଭ ବାହାରିଛି। ପରେ ଏହା ୭୨ଅଙ୍କ ଡେଇ ସାରିଲାଣି ବୋଲି କୁହାଯାଉଛି। ସେଥିମଧ୍ୟରୁ ଅଧିକାଂଶ ଆକ୍ରାନ୍ତଙ୍କୁ ଘରୋଇ ସଂଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଛି। ହେଲେ ଏହି କଟକଣାକୁ କେତେଜଣ ସଂଗରୋଧକାରୀ ମାନୁନାହାନ୍ତି। ଅନ୍ୟପକ୍ଷରେ ସଂଗରୋଧକାରୀଙ୍କ ଦୈନନ୍ଦିନ କାର୍ଯ୍ୟ ଅନୁଧ୍ୟାନ କରିବା ଉତ୍ତର ଦାୟିତ୍ୱ କାହାରି ପାଖରେ ନାହିଁ। ଏହାଛଡ଼ା ପଞ୍ଚାୟତରେ ସାପ୍ତାହିକ ହାଟରେ ପ୍ରବଳ ଭିଡ଼ ଜମୁଛି। ଏସବୁ ସ୍ଥିତିରୁ ଲୋକଙ୍କୁ କରୋନା ବ୍ୟାପିବାର ଭୟ ଘାରିଛି। ତେଣୁ ଉକ୍ତ ପଞ୍ଚାୟତକୁ ୭ ଦିନ କଣ୍ଟେନମେଣ୍ଟ ଜୋନ ଘୋଷଣା କରିବା ଓ ସାପ୍ତାହିକ ହାଟ ବନ୍ଦ ରଖିବାକୁ ପୂର୍ବତନ ସମିତିସଭ୍ୟ ବଟକୃଷ୍ଣ ସାହୁ, ସମବାୟ ନେତା ଶ୍ରୀଧର ବେହେରା, ଅଇଁଠୁ ରଣା ପ୍ରମୁଖ ସ୍ଥାନୀୟ ସରପଞ୍ଚ ଅଭିମନ୍ୟୁ ମହାଳିକ ଏବଂ ବ୍ଲକ ପ୍ରଶାସନ ନିକଟରେ ଦାବି କରିଛନ୍ତି। ସେମାନେ କହିଛନ୍ତି, ପଞ୍ଚାୟତକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଉ। ସାପ୍ତାହିକ ହାଟ ବନ୍ଦ ହେଉ। ଏହାପରେ ଘରକୁ ଘର ବୁଲି ସର୍ଭେ କରାଯାଇ କରୋନା ଲକ୍ଷଣ ଥିବା ଲୋକଙ୍କୁ ଚିହ୍ନଟ କରାଯାଉ। ଅନେକ ଲୋକଙ୍କ ଲକ୍ଷଣ ଥାଇ ବି ସେମାନେ ପରୀକ୍ଷା କରିବାକୁ ଆସୁ ନ ଥିବାରୁ କରୋନା ବ୍ୟାପୁଛି ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି।

ଏହା ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀଙ୍କ ପଞ୍ଚାୟତ ହୋଇଥିବାରୁ ସେ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଏହି ପଞ୍ଚାୟତ ବିଜେଡି ସଭାପତି କରୋନାରେ ମୃତ୍ୟୁ ବରଣ କରିଥିଲେ। ଦିନକ ପରେ ତାଙ୍କ ଭାଉଜଙ୍କ ମୃତ୍ୟୁ ହୋଇଥିଲା। ସ୍ଥିତି ସମ୍ପର୍କରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଇଥିଲି। ସେହି ମୁତାବକ ସାମନ୍ତରାପୁର ଗାଁର ୨୦୦ଲୋକଙ୍କ ସ୍ୱାବ ପରୀକ୍ଷା କରାଯାଇଥିଲା। ରିପୋର୍ଟ ଆସିବା ପରଠାରୁ ସେ ଜନସାଧାରଣଙ୍କୁ ସତର୍କ ରହିବା ସହ କରୋନା କଟକଣା ଅନୁପାଳନ କରିବାକୁ ନିବେଦନ କରିଆସୁଛନ୍ତି। କେତେକ ସ୍ଥାନରେ ଲୋକେ ସତର୍କ ହେଉ ନ ଥିବାରୁ ଫଳ ଓଲଟା ହେଉଛି ବୋଲି ଏମ୍‌ପି ମତ ରଖିଛନ୍ତି। ସରପଞ୍ଚ ମହାଳିକ କହିଛନ୍ତି, ପଞ୍ଚାୟତର ସ୍ଥିତିକୁ ନେଇ ପ୍ରଶାସନ ସହ ଆଲୋଚନା ଜାରି ରଖିଛନ୍ତି। ସାପ୍ତାହିକ ହାଟ ବନ୍ଦ ପାଇଁ ପଦକ୍ଷେପ ନେବେ। ଏହାଛଡ଼ା ପଞ୍ଚାୟତକୁ କଣ୍ଟେନମେଣ୍ଟ ଜୋନ କରିବେ କି ନାହିଁ ସେ ଦିଗରେ ପ୍ରଶାସନ ସହ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ପ୍ରକାଶ କରିଛନ୍ତି।

## ଜାରକା ଶିଳ୍ପାଞ୍ଚଳ ରାସ୍ତା ଶୋଚନୀୟ

ଧର୍ମଶାଳା,୨୯।୫(ଡି.ଏନ.ଏ.)

**ମରାମତି ଦାବି**

ଧର୍ମଶାଳା ବ୍ଲକ ଅଧୀନ ଜାରକା ଶିଳ୍ପାଞ୍ଚଳ ଓ ଷ୍ଟାଡିୟମକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତା ଦେଇ ପ୍ରତିଦିନ ଶହଶହ ଓଭରଲୋଡ ଭାରିଯାନ ଚଳାଚଳ କରିବା ଫଳରେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଆଖପାଖ ୫ ପଞ୍ଚାୟତର ଲୋକେ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏପରି କି ଅଞ୍ଚଳର ବହୁ ଚାଷୀ ସେମାନଙ୍କ ଉତ୍ପାଦିତ ପରିବାକୁ ବିକ୍ରୟ ପାଇଁ ବାରବାଟି ପରିବା ହାଟକୁ ଯାଇଥାନ୍ତି। ହେଲେ ଏହି ରାସ୍ତାରେ ଲଘୁଖଣିଜ ପଦାର୍ଥ ପରିବହନ କରୁଥିବା ଭାରିଯାନ ଯାତାୟାତ କରୁଥିବାରୁ ଏହା ଏବେ ଖାଲଖମାରେ ପରିଣତ ହୋଇଛି। ରାସ୍ତାଟି ଜାରକା–କବାଟବନ୍ଧକୁ ସଂଯୋଗ ହୋଇଥିବା ବେଳେ ଅନେକ ଯାନବାହାନ ଏହି ରାସ୍ତା ଦେଇ ଯାତାୟାତ କରିଥାଏ। ମରାମତି ହେଉ ନ ଥିବାରୁ ଏବେ ଏହି ରାସ୍ତା ଦେଇ ଚାଲିକି ଯିବା ଅସମ୍ଭବ ହୋଇପଡ଼ିଛି। ରାସ୍ତା ଦେଇ ଯାଉଥିବା ଅନେକ ଲୋକ ଖାଲଖମାରେ ପଡି ଦୁର୍ଘଟଣାର ଶିକାର ହେଉଥିବା ନଜିର ରହିଛି। ବିଭାଗୀୟ ଅଧିକାରୀଙ୍କୁ ଏସମ୍ପର୍କରେ ବାରମ୍ବାର ଅବଗତ କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଉକ୍ତ ରାସ୍ତାକୁ ଶୀଘ୍ର ମରାମତି କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।



ଶିଳ୍ପାଞ୍ଚଳ ରାସ୍ତା ଶୋଚନୀୟ ହୋଇପଡ଼ିଛି।

## କରୋନାରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷଙ୍କ ପୁତ୍ର ବିୟୋଗ

ବାଲିଚନ୍ଦ୍ରପୁର,୨୯।୫(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ମହାପାତ୍ରଙ୍କ ପୁତ୍ର ପ୍ରିୟରଞ୍ଜନ (୪୦)ଙ୍କ ଶନିବାର ଅକାଳ ବିୟୋଗ ଘଟିଛି। ପ୍ରିୟରଞ୍ଜନ ୧୫ ଦିନ ହେବ କରୋନାରେ ଆକ୍ରାନ୍ତ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପ୍ରିୟରଞ୍ଜନଙ୍କ ଗୋଟିଏ ପୁଅ ଓ ଝିଅ ଅଛନ୍ତି। ତାଙ୍କ ଅକାଳ ବିୟୋଗରେ ବଡ଼ଚଣାବ୍ୟାପି ଶୋକର ଛାୟା ଖେଳିଯାଇଛି। ଖବର ପାଇ ପୂର୍ବତନ ସରପଞ୍ଚ ଉମାକାନ୍ତ ସାମଲ, ଜ୍ଞାନରଞ୍ଜନ ସାହୁ, ଅଶୋକ ସାମଲ, ସୁମନ୍ତ ସାମଲ, ଉତ୍କଳ କେଶରୀ ସାମଲ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ଧର୍ମଶାଳା,୨୯।୫ (ଡି.ଏନ.ଏ.)

ଧର୍ମଶାଳା ଥାନା ଦେଉଦା ପଞ୍ଚାୟତ ସ୍ୱାଇଁସାହି ନକଟସ୍ଥ କେଲୁଅ ନଦୀରୁ ପୋଲିସ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ନଦୀରେ ମୃତଦେହ ଭାସୁଥିବା ଶୁକ୍ରବାର ରାତିରେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଶନିବାର ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ମୃତକଙ୍କ ବୟସ ପାଖାପାଖି ୬୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ୬ରୁ୭ ଦିନ ହେବ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ମୃତ ବ୍ୟକ୍ତିଙ୍କ ପରିଚୟ ପାଇବାକୁ ପୋଲିସ ଲାଗି ପଡ଼ିଛି।

## ମରଣଯନ୍ତା ପାଲଟିଛି ଦେଉଳିପାଳ ଗ୍ରାମ୍ୟ ରାସ୍ତା

ଧର୍ମଶାଳା,୨୯।୫(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ପଞ୍ଚାୟତର ଦେଉଳିପାଳ ଗ୍ରାମ୍ୟ ରାସ୍ତା ମରଣଯନ୍ତାରେ ପରିଣତ ହୋଇଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଏହାର ମରାମତି କରିବାକୁ ଦାବି ହୋଇଛି। ରାସ୍ତା ମରାମତି ନ ହେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪ ବର୍ଷ ତଳେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଉକ୍ତ ୩ କିଲୋମିଟର ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା ଦେଇ ଆଖପାଖ ଅଞ୍ଚଳର ଶହଶହ ଲୋକ ପ୍ରତ୍ୟେକ ଦିନ ଯାତାୟାତ କରିଥାନ୍ତି। ହେଲେ ନିମ୍ନମାନର କାମ ଯୋଗୁ ଏକ ବର୍ଷ ପରେ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି। ସେହିଦିନଠାରୁ ଲୋକେ ଯାତାୟାତ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ନିୟମ ଅନୁସାରେ କାମ ସରିବାର ୫ ବର୍ଷ ପର୍ଯ୍ୟନ୍ତ ଏହାର ମରାମତି ଦାୟିତ୍ୱ ଠିକାଦାରଙ୍କ। ଏଥି ଲାଗି ଠିକାଦାରଙ୍କ କିଛି ଦେୟ ବକେୟା ରହିଥାଏ। ୫ ବର୍ଷ ପରେ ଠିକାଦାରଙ୍କୁ ସମ୍ପୂର୍ଣ୍ଣ ଦେୟ ପାଇଠ କରାଯାଏ। ହେଲେ ଏଠାରେ ଏହି ନିୟମର ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଇଛି। ୫ ବର୍ଷ ନ ପୁରୁଣୁ ଠିକାଦାର ବକେୟା ଅର୍ଥ ଉଠାଇ ନେଇଥିବା ଜଣାଯାଇଛି। ହେଲେ ରାସ୍ତାଟି ମରଣଯନ୍ତା ପାଲଟିଥିବା ନେଇ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଯାହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି।

## ଭ୍ରାମ୍ୟମାଣ ଏଟିଏମ୍ ସେବା

ବାଲିଚନ୍ଦ୍ରପୁର,୨୯।୫(ସ୍ୱ.ପ୍ର.)

ବାତ୍ୟା ୟାସ୍ ଓ କରୋନା ମହାମାରୀକୁ ଦୃଷ୍ଟିରେ ରଖି ବାଲିଚନ୍ଦ୍ରପୁର ଭାରତୀୟ ଷ୍ଟେଟବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଭ୍ରାମ୍ୟମାଣ ଏଟିଏମ୍ ସେବା ଆରମ୍ଭ ହୋଇଛି। ଘରୁ ବାହାରି ପାରୁ ନ ଥିବା ଗ୍ରାହକଙ୍କୁ ଅର୍ଥ ଉଠାଣ କ୍ଷେତ୍ରରେ ଏହା ସହାୟକ ହେବ। ଗ୍ରାହକ ନିଜ ଘର ପାଖରେ ଭ୍ରାମ୍ୟମାଣ ଗାଡ଼ିରୁ ଅର୍ଥ ଉଠାଇ ପାରିବେ। ଏହି ସେବାକୁ ଯାଜପୁର ରିଜିଓନାଲ ମ୍ୟାନେଜର ପ୍ରବୀର ସାହୁଙ୍କ ପ୍ରଚେଷ୍ଟାରେ ଆରମ୍ଭ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବାଲିଚନ୍ଦ୍ରପୁର ଶାଖାର ମୁଖ୍ୟ ପ୍ରବନ୍ଧକ ମନୋରଞ୍ଜନ ମହାନ୍ତି, ମନୋରଞ୍ଜନ ସାମନ୍ତରାୟ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।




ଭ୍ରାମ୍ୟମାଣ ଏଟିଏମ୍ ସେବାର ଶୁଭାରମ୍ଭ କରାଯାଉଛି।

## ଧିମେଇଛି ଘାଇ ମରାମତି କାର୍ଯ୍ୟ

ବରୀ,୨୯।୫(ଡି.ଏନ.ଏ.)

**ବର୍ଷା ଋତୁ ପୂର୍ବରୁ ସରିବା ଆଶଙ୍କା**

ବରୀ ବ୍ଲକ ଅଞ୍ଚଳରେ ଗତ ଅଗଷ୍ଟ ବନ୍ୟାରେ ୧୦ଟି ଘାଇ ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ କାର୍ଯ୍ୟ ଧିମା ହେଉଥିବାରୁ ତାହା ବର୍ଷା ଋତୁ ପୂର୍ବରୁ ସରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁସାରେ, ଘାଇ ଯୋଗୁ ଦୀର୍ଘ ଦୁଇ ସପ୍ତାହ ଧରି ଏହି ଅଞ୍ଚଳର ଲୋକେ ପ୍ରଭାବିତ ହୋଇଥିଲେ। ଜଳସମ୍ପଦ ବିଭାଗ ତରଫରୁ ଘାଇ ମରାମତି ନିମନ୍ତେ ତୁରନ୍ତ ପଦକ୍ଷେପ ନିଆଯାଇଥିଲା। ବନ୍ୟା ଛାଡ଼ିବା ପରେ ଜଳସମ୍ପଦ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ବରୀ ଅଞ୍ଚଳ ଗସ୍ତ କରି ଘାଇ ମରାମତି ଶୀଘ୍ର କରିବାକୁ ପରାମର୍ଶ ଦେଇଥିଲେ। ପ୍ରାଥମିକସ୍ତରରେ ସୃଷ୍ଟି ହୋଇଥିବା ଘାଇଗୁଡ଼ିକୁ ସାମାନ୍ୟ ମରାମତି କରାଯିବା ପରେ ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ଜଳସମ୍ପଦ ବିଭାଗକୁ ଛାଡ଼ି ଓସିସି (ଓଡ଼ିଶା କନ୍‌ଷ୍ଟ୍ରକଶନ କର୍ପୋରେଶନ)କୁ ଦାୟିତ୍ୱ ଦିଆଯାଇଥିଲା। ମରାମତିକାର୍ଯ୍ୟ ସମୟରେ ଦାୟିତ୍ୱରେ ଥିବା ଠିକାଦାରମାନେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରି ଓସିସିର ମାପ ଓ ପରିମାପ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହାୟତାରେ ଲକ୍ଷଲକ୍ଷ ଟଙ୍କା ହାତେଇ ନେଇଥିବା ସେତେବେଳ ଅଭିଯୋଗ ହୋଇଥିଲା। ଏହାପରେ ଘାଇଗୁଡ଼ିକର କାର୍ଯ୍ୟ କରାଯିବା କ୍ଷେତ୍ରରେ ଜଳସମ୍ପଦ ବିଭାଗ ତରଫରୁ ଟେଣ୍ଡର କରାଯାଇ ବ୍ୟୟ ଅଟକଳ କରାଯାଇଥିଲା। ବର୍ଷା ଋତୁ ଆସୁଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଠିକାଦାରମାନେ କାର୍ଯ୍ୟ ଶେଷ କରିବାକୁ ଚୁକ୍ତିବଦ୍ଧ ହୋଇଥିଲେ। କିନ୍ତୁ ଅଦ୍ୟାବଧି ଏହି କାର୍ଯ୍ୟ ଅଧାପନ୍ତରିଆ ରହିଛି। ତେବେ ବାତ୍ୟା ୟାସ ଯୋଗୁ ଯାଜପୁର ଜିଲାରେ ବନ୍ୟା ଆଶଙ୍କା ଥିବାରୁ ଜଳସମ୍ପଦ ବିଭାଗର ଅଧିକାରୀମାନେ ଅତ୍ୟନ୍ତ ତରବରିଆ ଭାବେ ଘାଇ ହୋଇଥିବା ସ୍ଥାନଗୁଡ଼ିକକରେ ବାଲି ବସ୍ତା ମହଜୁଦ ରଖିବାକୁ କେତେଜଣ ଠିକାଦାରଙ୍କୁ ଅଲିଖିତ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୁଯୋଗରେ ଗତ ମହାବନ୍ୟାରେ ବ୍ୟବହୃତ ହୋଇଥିବା ବାଲିବସ୍ତାକୁ ଦର୍ଶାଇ କେତେଜଣ ଠିକାଦାର ବିଲ୍ କରିବାକୁ ମସୁଧା ଚଳାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଭାଗୀୟ ସହକାରୀ ଯନ୍ତ୍ରୀ ତରୁଣ କୁମାର ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ କେଶବ ଚନ୍ଦ୍ର ବେହେରା କହିଛନ୍ତି, ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରିବାକୁ ଠିକାଦାରମାନଙ୍କୁ କୁହାଯାଇଛି। ଏଥିରେ ଅବହେଳା କଲେ ସେମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବାଲିବସ୍ତା ମହଜୁଦ ରଖିବା ସମ୍ପର୍କରେ ସେ କହିଛନ୍ତି, ବାଲିବସ୍ତା କେବେକାର ତାହା ଦେଖିବା ପରେ ଜଣାପଡ଼ିବ। ଏହାପରେ ବିଲ୍ ହେବକି ନାହିଁ ନିଷ୍ପତ୍ତି ନିଆଯିବ।



ଘାଇ ମରାମତି କାର୍ଯ୍ୟ ଅଧାପନ୍ତରିଆ ରହିଛି।

## ସଂକ୍ଷେପରେ

### କୋଭିଡ୍ ସଚେତନତା ପାଇଁ ଭର୍ଚୁଆଲ ସେମିନାର

**ରାଜନଗର,୨୯।୫(ଡି.ଏନ.ଏ.):** ରାଜନଗରସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ପକ୍ଷରୁ କୋଭିଡ ଦ୍ୱିତୀୟ ଲହର ସଂକ୍ରମଣ ଉପରେ ସଚେତନତା ନିମନ୍ତେ ଏକ ଭର୍ଚୁଆଲ ପ୍ରକ୍ରିୟାରେ ସେମିନାର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ସଂସ୍ଥାର ବାଳିକା ବିଭାଗର ପ୍ରୋଗ୍ରାମ ଅଫିସର ଅଧାପିକା ଅନସୂୟା ବେହେରାଙ୍କ ସଂଯୋଜନାରେ ଏହି ସେମିନାର ହୋଇଥିଲା। ସେମିନାରରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅତୁଲ ବଳ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ୩ ଜଣ ବରିଷ୍ଠ ଡାକ୍ତର ଡା. ସନ୍ମୟ ପଣ୍ଡା, ଡା. ଆଲୋକ ସ୍ୱାଇଁ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି ସେମିନାରରେ କୋଭିଡ୍ ଦ୍ୱିତୀୟ ଲହରକୁ କେବଳ ସଚେତନତା ଦ୍ୱାରା ରୋକାଯାଇ ପାରିବ ବୋଲି ମତ ରଖିଥିଲେ। ଶାରୀରିକ ଦୂରତା ଓ ସମପ୍ତେ ଡବଲ ମାସ୍କ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀଛାତ୍ରମାନେ ନିଜେ କୋଭିଡ ନିୟମ ମାନିବା ସହ ନିଜ ଅଞ୍ଚଳରେ ଲୋକଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅଧାପିକା ରାଜଶ୍ରୀ ସାମଲ, ଏନ୍‌ଏସ୍‌ଏସ୍‌ର ଜିଲା ପ୍ରୋଗ୍ରାମ ଅଫିସର ଡ. ପଦ୍ମଜା କବି, ପ୍ରଦୀପ ରାଉତ ପ୍ରମୁଖ ଯୋଗଦେଇଥିଲେ। ଭର୍ଚୁଆଲ ମୋଡ୍‌ରେ ମହାବିଦ୍ୟାଳୟର ୬୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅଧାପକ ରତ୍ନାକର ନାୟକ ଧନ୍ୟବାଦ ଦେଇଥିଲେ।

### ଖବରକାଗଜ ବିକ୍ରେତାଙ୍କ ପରଲୋକ

**ବାଲିକୁଦା,୨୯।୫(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଗରାମ ପଞ୍ଚାୟତ ଅନ୍ତର୍ଗତ ଚଅଁରପୁର ଗ୍ରାମର ଖବରକାଗଜ ବିକ୍ରେତା କାର୍ତ୍ତିକ ରାଉତ (୫୨)ଙ୍କ ଶନିବାର ଭୋର ୪ ଟା ସମୟରେ କଟକ ବଡ଼ ମେଡ଼ିକାଲରେ ପରଲୋକ ଘଟିଛି। ଗତ ୨୭ରେ ତାଙ୍କର ବ୍ରେନ୍ ଷ୍ଟ୍ରୋକ ହୋଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ରାଉତଙ୍କ ମୃତ୍ୟୁ ଘଟିଛି। ଦୀର୍ଘ ୨୫ ବର୍ଷ ଧରି ସେ ବାଲିକୁଦା ଅଞ୍ଚଳରେ ଖବର କାଗଜ ବିକ୍ରି କରୁଥିଲେ। ସେ ସ୍ଥାନୀୟ ଡେଙ୍ଗାପୋଲ ପେପର ପଏଣ୍ଟରୁ ଖବରକାଗଜ ନେଇ ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଥିଲେ। ତାଙ୍କ ମରଶରୀରକୁ କଟକରୁ ଅଣାଯାଇ ଗାଁ ମଶାଣୀରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତ୍ୟୁଖବର ପାଇ ପେପର ଏଜେଣ୍ଟ ଆର୍ତ୍ତବନ୍ଧୁ ଦାସ, ବରିଷ୍ଠ ଖବରଦାତା ପରେଶ ଦାସ, ନରେନ୍ଦ୍ର ଦାସ, ତାପସ ସ୍ୱାଇଁ, ଚନ୍ଦ୍ରକାନ୍ତ ସ୍ୱାଇଁ ଓ ବିଧାନ ରାଉଳ ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ଭେଟି ଶୋକ ପ୍ରକାଶ କରିଛନ୍ତି।

### ସ୍ପୋର୍ଟିଂ କ୍ଲବ ତରଫରୁ ଅକ୍ସିଜେନ ସିଲିଣ୍ଡର ଯୋଗାଣ

**ନାଉଗାଁ,୨୯।୫(ସ୍ୱ.ପ୍ର.):** କରୋନାର ୨ୟ ଲହର ଉଗ୍ର ରୂପ ଧାରଣ କରିଛି। ଏବେ ଗ୍ରାମାଞ୍ଚଳରେ ଏହି ଭୂତାଣୁ କାୟା ବିସ୍ତାର କରିବାରେ ଲାଗିଛି। ଏନେଇ ନାଉଗାଁ ବ୍ଲକର ତିରୁଣା ସ୍ପୋର୍ଟିଂ କ୍ଲବ ତରଫରୁ ଆକ୍ରାନ୍ତଙ୍କୁ ଆବଶ୍ୟକ ସମୟରେ ଅକ୍ସିଜେନ୍ ଯୋଗାଇ ଦେବା ପାଇଁ ୨ ଅକ୍ସିଜେନ୍ ସିଲିଣ୍ଡରର ବ୍ୟବସ୍ଥା କରାଯାଇଛି। ଏଥିସହ ତିରୁଣା ଗ୍ରାମର ଆଶାକର୍ମୀମାନଙ୍କୁ କ୍ଲବ ପକ୍ଷରୁ ଅକ୍ସିମିଟର ପ୍ରଦାନ କରାଯାଇଛି। ଏହି ଗ୍ରାମ ଓ ନିକଟ ଗ୍ରାମରେ ସଙ୍ଗରୋଧରେଥିବା କୌଣସି ଆକ୍ରାନ୍ତଙ୍କ ଅକ୍ସିଜେନ ଅଭାବରୁ ନିଃଶ୍ୱାସ ନେବାରେ ସମସ୍ୟା ହେଉଥିବା ନେଇ ଆଶାକର୍ମୀଙ୍କଠାରୁ ସୂଚନା ମିଳିଲେ ସେଠାରେ ଅକ୍ସିଜେନ୍ ଯୋଗାଇଦେବାର ବ୍ୟବସ୍ଥା କରାଯିବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି। କ୍ଲବର ସଭାପତି ରାଧାଶ୍ୟାମ ସ୍ୱାଇଁ, ବିଶ୍ୱ ରଞ୍ଜନ ପରିଡା,ରଞ୍ଜନ ସ୍ୱାଇଁ, ଲଳିତ ପରିଡା ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି।

### ବାର୍ଷିକ ଚତୁର୍ଦ୍ଦଶୀ ମେଳା ଉଦ୍‌ଯାପିତ

**ତିର୍ତ୍ତୋଲ, ୨୯।୫ (ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ ଅରିଲୋସ୍ଥିତ ଶିଶୁ ଅନନ୍ତ ସୁନ୍ଦର ଆଶ୍ରମ ପରିସରରେ ଚାଲିଥିବା ବାର୍ଷିକ ମେଳା ଉଦ୍‌ଯାପିତ ହୋଇଯାଇଛି। ବାବା ବଳିଆଙ୍କ ପୌରୋହିତ୍ୟରେ କୋଭିଡ୍ ନିୟମ ଅନୁସାରେ ଏହି ମେଳା ଆୟୋଜନ କରାଯାଇଥିଲା। ପବିତ୍ର ଅକ୍ଷୟ ତୃତୀୟାଠାରୁ ମେଳା ଆରମ୍ଭ ହୋଇଥିଲା। ଏହି ଅବସରରେ ଶ୍ରୀ ଶ୍ରୀ ଅନନ୍ତ ବିଭିନ୍ନ ବେଶରେ ଦର୍ଶନ ଦେବା ସହ ଯଜ୍ଞ ଓ ହରିହାଟ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଦଳରେ ଭର୍ତ୍ତି କେନ୍ଦ୍ରାପଡ଼ା କେନାଲ

**କେନ୍ଦ୍ରାପଡ଼ା ଅଫିସ, ୨୯।୫**


ବିଲାତି ଦଳରେ ଭର୍ତ୍ତି ରହିଥିବା କେନ୍ଦ୍ରାପଡ଼ା କେନାଲ ।

- ଶେଷମୁଣ୍ଡରେ ପହଞ୍ଚୁ ପାରୁନାହିଁ ପାଣି
- ପ୍ରଭାବିତ ହେବ ଖରିଫ ଫସଲ
- ଚାଷ ପୂର୍ବରୁ ଦଳ ସଫା କରିବାକୁ ଦାବି

ଓଡ଼ିଶାର ସର୍ବପ୍ରାଚୀନ କେନ୍ଦ୍ରାପଡ଼ା କେନାଲରେ ୧୮୬୯ ମେ ୨୯ରେ ପ୍ରଥମ ଥର ପାଇଁ ପାଣି ଛଡା ଯାଇଥିଲା। ଜଗତପୁର ନିକଟସ୍ଥ ବିରୂପା ନଦୀରୁ ଏହି କେନାଲ ବାହାରି ପଟ୍ଟାମୁଣ୍ଡାଇ, ଜମ୍ବୁ, ଗୋବରୀ ଆଦି କେନାଲକୁ ପାଣି ଯୋଗାଇ ଦିଆଯାଉଥିଲା। ଉକ୍ତ କେନାଲରେ ଜଳସେଚନ ବ୍ୟତୀତ ପଣ୍ୟ ସାମଗ୍ରୀ ପରିବହନ ହେଉଥିଲା । ୧୯୩୦-୩୧ ମସିହାରେ ପଣ୍ୟ ସାମଗ୍ରୀ ପରିବହନ କର ବାବଦ ବିଭିନ୍ନ ଲକ୍‌ଠାରେ ୮୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ହେଉଥିବା ତଥ୍ୟ ରହିଛି । ନଅଙ୍କ ଦୁର୍ଭିକ୍ଷରୁ ବର୍ତ୍ତିବା ପାଇଁ ଖୋଳା ଯାଇଥିବା ଏହି ଐତିହ୍ୟ ସମ୍ପନ୍ନ ସୁନାବ୍ୟା କେନାଲ ଏବେ ମୃତ ପ୍ରାୟ ଅବସ୍ଥାରେ ରହିଛି । ଏହାର ଉନ୍ନତୀକରଣ କରାଯାଉଥିବା ଜଳସମ୍ପଦ ବିଭାଗ ପକ୍ଷରୁ ଦର୍ଶାଯାଉଥିଲେ ମଧ୍ୟ ଦଳ ଭର୍ତ୍ତି ଯୋଗୁ ଶେଷ ମୁଣ୍ଡରେ ପାଣି ପହଞ୍ଚୁ ପାରୁନାହିଁ । ଫଳରେ ଆଗାମୀ ଖରିଫ ଫସଲ ପ୍ରଭାବିତ ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

କୃଷକନେତା ଗୟାଧର ଧଳ, ବିଜୟ କୁମାର ପରିଡା, ବିଧୂଭୂଷଣ ମହାପାତ୍ର, ଆଦିକନ୍ଦ ରାଉଳ ପ୍ରମୁଖ କହିଛନ୍ତି, ଇତିହାସ ପାଲଟି ଥିବା ଏହି କେନାଲର ଅତୀତ ଖୁବ୍ ସମୃଦ୍ଧ । ୧୮୬୬ ନଅଙ୍କ ଦୁର୍ଭିକ୍ଷ ପରେ ଏହି କେନାଲ ଖୋଳା ହୋଇଥିଲା । ଫଳରେ ଉକ୍ତ କେନାଲ ସେ ସମୟରେ ଜଳସେଚନ ସହିତ ନୌବାଣିଜ୍ୟରେ ସହଯୋଗ ଦେଉଥିଲା । ମହାନଦୀ ବ୍ୟାରେଜର ବାମପଟୁ ଆରମ୍ଭ ହୋଇ ଜମ୍ବୁ ପର୍ଯ୍ୟନ୍ତ ଯାଇଥିବା ଏହି କେନାଲର ଲମ୍ବ ୨୪୧ କିଲୋମିଟର । ପ୍ରାରମ୍ଭରେ ଜିଲାର ୧୧,୯୩୮ ହେକ୍ଟର ଚାଷ ଜମିକୁ ଜଳସେଚନ ହେଉଥିଲା । ସେହିପରି ଏହି କେନାଲରୁ ଜଳ ଆହରଣ କରି ଗୋବରୀ କେନାଲ, ଗୋବରୀ ସଂପ୍ରସାରିତ କେନାଲ, ପଟ୍ଟାମୁଣ୍ଡାଇ କେନାଲ ଜରିଆରେ ପ୍ରାୟ ୨୯ ହଜାର ହେକ୍ଟର ଜମିରେ ଚାଷ ହେଉଥିଲା । ଜିଲା ଗଠନ ପୂର୍ବରୁ ଏହି ଜଳସେଚନ କ୍ଷମତାକୁ ଧାର୍ଯ୍ୟ କରି ସ୍ୱତ୍ୱବାନ ଚାଷୀଙ୍କଠାରୁ ଅଦ୍ୟାବଧି ଜଳକର ଆଦାୟ ହେଉଛି । ତେବେ ଏହି କେନାଲରେ ଦୀର୍ଘଦିନ ହେବ ରହିଥିବା ଦଳକୁ କଢ଼ାଯିବାର ବ୍ୟବସ୍ଥା ହେଉନାହିଁ । ଫଳରେ ଜଳସେଚନ ବ୍ୟବସ୍ଥା ବିଫଳ ହୋଇଥିବା ବେଳେ ଉକ୍ତ କେନାଲ ମଶା ମାଛିଙ୍କ ଅନ୍ତୁଡ଼ିଶାଳ ପାଲଟିଛି । ଏଥିଯୋଗୁ ସେହି ଜଳ ବିଭିନ୍ନ ରୋଗର କାରଣ ସାଜିଛି । ଜଳସେଚନ ବାଧାପ୍ରାପ୍ତ ହୋଇଥିବାରୁ ଆଗାମୀ ଖରିଫ ଧାନ ଚାଷ ପ୍ରଭାବିତ ହେବ । ତୁରନ୍ତ କେନାଲରୁ ଦଳ ସଫା ବ୍ୟବସ୍ଥା କରିବାକୁ କୃଷକନେତାମାନେ ଦାବି କରିଛନ୍ତି ।

ଏ ସମ୍ପର୍କରେ ଜିଲା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ କହିଛନ୍ତି, କେନାଲର ଉନ୍ନତୀକରଣ କାମ ଚାଲିଛି। ଗଣ୍ଡାକିଆରୁ ଅଳଭା ପର୍ଯ୍ୟନ୍ତ ନବୀକରଣ ସରିଛି। ଖୁବ୍‌ଶୀଘ୍ର କେନ୍ଦ୍ରାପଡ଼ା କେନାଲର ନବୀକରଣ କାର୍ଯ୍ୟ ଶେଷ ହେବ।

# ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀଙ୍କ ଆତ୍ମହତ୍ୟା

**ରାଜକନିକା,୨୯।୫(ଡି.ଏନ୍.ଏ.)**

ସ୍ୱାମୀଙ୍କ ଦୁର୍ଘଟଣାରେ ମୃତ୍ୟୁ ପରେ ମାନସିକ ଭାରସାମ୍ୟ ହରାଇ ସ୍ତ୍ରୀ ଆତ୍ମହତ୍ୟା କରିବା ଘଟଣା ରାଜକନିକା ଥାନା ଅଧୀନ ଚେଞ୍ଚଠପଡା ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି । ଅନ୍ୟପକ୍ଷେ ଝିଅର ବାପାଘର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି ।

ସୂଚନା ଅନୁଯାୟୀ, ଚେଞ୍ଚଠପଡ଼ା ଗ୍ରାମର ମଦନ ମୋହନ ତରାଇଙ୍କ ଏକମାତ୍ର ପୁଅ ମନୋଜ(୩୫) ଭଦ୍ରକ ଡିଆରଡିଏରେ ଡିପିଓ ଭାବେ କାର୍ଯ୍ୟରତ ଥିଲେ । ସେ ଗତ ୨୫ ତାରିଖରେ ଭଦ୍ରକରୁ ଘରକୁ ଫେରୁଥିବା ବେଳେ ଚାନ୍ଦବାଲି ଥାନା ଅଧୀନ ମହୁଲିଆ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ତାଙ୍କ ମୃତ୍ୟୁ ଘଟିଥିଲା । ମନୋଜଙ୍କ ମୃତ୍ୟୁ ପରେ ଡାକ୍ତରଖାନାରେ ଥିବା ସ୍ୱପ୍ନାଙ୍କୁ ଆତ୍ମୀୟସ୍ୱଜନମାନେ ଶନିବାର ସକାଳେ ଘରକୁ ପଠାଇ ଦେଇଥିଲେ । ଅପରାହ୍ନରେ ସ୍ୱପ୍ନା ଘରେ ପହଞ୍ଚି ନିଜ ଶୋଇବା ଘରକୁ ଯାଇଥିଲେ । ସେଠାରେ ସେ ଫ୍ୟାନରେ ବେଡସିଟ୍ ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ପରିବାର ଲୋକ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ।

ଏହି ଘଟଣା ପରେ ମାର୍ଶାଘଇ ଥାନା ଅଧୀନ ଦଶିପୁର ଗ୍ରାମର ସ୍ୱପ୍ନାଙ୍କ ସାନଭାଇ ପ୍ରଶନଜିତ୍ ମାଝି ରାଜକନିକା ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକ ଯୌତୁକ ନିର୍ଯାତନା ଦେଉଥିଲେ । ଅଧିକ ଯୌତୁକ ପାଇଁ ବାରମ୍ବାର ଦାବି କରୁଥିଲେ। ଭିଣୋଇ ମନୋଜଙ୍କ ଦୁର୍ଘଟଣାଜନିତ ମୃତ୍ୟୁକୁ ଦାୟୀ କରି ମୋ ଭଉଣୀକୁ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ମନୋଜଙ୍କ ସହିତ ସ୍ୱପ୍ନାଙ୍କ ବିବାହ ହୋଇଥିଲା।

# ବର୍ଷାରେ ଭାଙ୍ଗିଲା ପାର୍କ ପାଚେରି


ଭୁଶୁଡ଼ି ପଡିଥିବା ପାଚେରି ।

**ଡେରାବିଶ,୨୯।୫(ସ୍ୱ.ପ୍ର.)**

### ନିମ୍ନମାନର କାମ କରାଯାଇଥିବା ଅଭିଯୋଗ

କେନ୍ଦ୍ରାପଡ଼ା ଜିଲାର ସମସ୍ତ ପଞ୍ଚାୟତରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନରେ ଚିତ୍ତବିନୋଦନ କେନ୍ଦ୍ରମାନ ନିର୍ମାଣ କରାଯାଇଥିଲା । ସେଥିମଧ୍ୟରୁ ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ନୂଆହାଟଠାରେ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ପାର୍କର ପାଚେରି ଗତ ମଙ୍ଗଳବାର ବର୍ଷାରେ ଭାଙ୍ଗିପଡିଛି। ଗୁରୁବାର ପଞ୍ଚାୟତବାସୀଙ୍କ ପକ୍ଷରୁ ଏ ନେଇ ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଛି। ନିମ୍ନମାନର କାମ ଯୋଗୁ ସେହି ପାଚେରି ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଥିବା ବେଳେ ଅନ୍ୟପାର୍ଶ୍ୱ ପାଚେରି ଗୋଟିଏ ପଟେ ଢଳି ରହିଛି। ଏହାର ତଦନ୍ତ ସହିତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ୱାର୍ଡସଭ୍ୟ ରଞ୍ଜିତ୍ ସିଂହଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ଗୋପବନ୍ଧୁ ଭୋସାଗରଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀଙ୍କୁ ପରିସ୍ଥିତି ଅନୁଧ୍ୟାନ ପାଇଁ ପଠାଯାଇଛି ବୋଲି କହିଛନ୍ତି।

# ୨ ପଞ୍ଚାୟତବାସୀ ଏବେ ବି ଜଳବନ୍ଦୀ


ଜଳ ଘେରରେ ଥିବା ପୁରୁଷୋତ୍ତମପୁର ଗାଁ ।

### ୟାସ୍ ପରର ଦୁଃଖ..

**ରାଜନଗର,୨୯।୫(ଡି.ଏନ.ଏ.)**

ବାତ୍ୟା ୟାସ୍‌ର ୪ ଦିନ ପରେ ବି ରାଜନଗର ବ୍ଲକ ଉପାନ୍ତ ଗାଁଗୁଡିକ ପାଣି ଘେରରେ ରହିଛି। ଶତାଧିକ ଲୋକେ ଜଳବନ୍ଦୀ ଜୀବନ ବିତାଉଛନ୍ତି । ବାତ୍ୟା ଚାଲି ଯାଇଥିଲେ ବି ଲୋକଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହୋଇଛି । ଅପରପକ୍ଷେ ସମୁଦ୍ର ଜୁଆରିଆ ଥିବାରୁ ପାଣି ଗାଁଦାଣ୍ଡରୁ କମିବା ସମ୍ଭବ ହେଉ ନାହିଁ। ଦୃଶ୍ୟରଙ୍ଗଣୀ ପଞ୍ଚାୟତର ପଟ୍ଟାପାରିଆ, ସୌରେନ୍ଦ୍ରପୁର, ଭେକ୍ଟା, ହରିଣପୋଖରୀ, ନାରାୟଣପୁର ଆଦି ୫ ଗାଁର ୧ ହଜାରରୁ ଊର୍ଦ୍ଧ୍ୱ ପରିବାର ପାଣି ଘେରରେ ଅଛନ୍ତି । ସମୁଦ୍ରର ଲୁଣା ଜୁଆର ସେହି ଅଞ୍ଚଳକୁ ଗତ ୨୫ ତାରିଖ ରାତିରେ ମାଡି ଯାଇଥିଲା। ଏବେ ବି ଗାଁ ଦାଣ୍ଡରେ ଓ ଘର ଚାରିପଟେ ୨ଫୁଟ ଉଚ୍ଚର ପାଣି ଜମି ରହିଛି। ସେହିପରି ଈଶ୍ୱରପୁର ପଞ୍ଚାୟତର ପୁରୁଷୋତ୍ତମପୁର, ଅଜଗରପାଟିଆ, ରାଜବିଜୟନଗର, ଜୁନୁସନଗର ଗାଁର ୫ଶହ ପରିବାର ପାଣି ଘେରରେ ଅଛନ୍ତି। ୨୫ ତାରିଖ ସକାଳେ ପାଟଶାଳା ନଦୀର ବନ୍ଧ ଡେଇଁ ଗାଁ ଭିତରକୁ ଜୁଆର ପଶିଥିଲା। ପୁରୁଷୋତ୍ତମପୁର ଗାଁର ୬୦ ପରିବାରଙ୍କ ଘର ଚାରିପଟେ ଓ ଘର ଭିତରେ ପାଣି ପଶିବା ସହ ଜୁଆର ପାଣି ଅଜଗରପାଟିଆ, ରାଜବିଜୟନଗର ଓ ଜୁନୁସନଗର ଗାଁ ଭିତରକୁ ମାଡି ଯାଇଥିଲା। ଘର ଭିତରୁ ପାଣି କମି ଥିଲେ ମଧ୍ୟ ଜୁଆର ପାଣି ଏବେ ବି ଘର ଚାରିପଟେ ଜମି ରହିଛି। ଲୋକମାନଙ୍କୁ ଆଣ୍ଠୁଏ ପାଣିରେ ପଶି ରାସ୍ତା ଉପରକୁ ଆସିବାକୁ ପଡୁଛି। ଏପରି କି ଘର ଚୁଲିରେ ଏବେ ବି ପାଣି ପଶି ରହିଛି। ଘର ଚାରିପଟେ ଓ ଘର ଭିତରେ ପାଣି ପଶି ରହିବା ଯୋଗୁ କାନ୍ଥଗୁଡିକ ଭିଜି ଗଳିବା ଆରମ୍ଭ କରିଛି। ମୁକୁଳା ଥିବା କଲଭର୍ଟ ଦେଇ ଜୁଆର ପାଣି ଗାଁକୁ ପଶୁଛି। ୪ ଗାଁର ପ୍ରାୟ ୩ ହଜାର ଏକର ଚାଷଜମିରେ ଲୁଣା ଜୁଆର ମାଡି ଯାଇଛି। ଲୋକମାନଙ୍କ ଜୀବନ ବଞ୍ଚି ଯାଇଥିଲେ ମଧ୍ୟ ଜୀବିକା ଚାଲି ଯାଇଛି। ପୁରୁଷୋତ୍ତମପୁର ଓ ଅଜଗରପାଟିଆ ଗାଁର ୮ଶହ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ବହୁ ରାସ୍ତା ଜୁଆର ପାଣି ମାଡ଼ରେ ନଷ୍ଟ ହୋଇଛି । ଜୁନୁସନଗର-ପୁରୁଷୋତ୍ତମପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଓ ବଳଭଦ୍ରପୁର-ରାଜୀବ ଜୟନଗର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଏକ ପ୍ରକାର ଧୋଇ ହୋଇଯାଇଛି। କେବଳ ସେତିକି ନୁହେଁ, ଅଧିକାଂଶ ଗ୍ରାମ୍ୟ ରାସ୍ତା ନଷ୍ଟ ହୋଇଯାଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।


ରାଜନଗରର ଏକ ଗାଁ ରାସ୍ତା ଧୋଇ ହୋଇଯାଇଛି ।

# ବାତ୍ୟା ଅଞ୍ଚଳରେ ଏସ୍‌ବିଆଇ ମୋବାଇଲ ଏଟିଏମ୍

**ରାଜନଗର, ୨୯।୫(ଡି.ଏନ.ଏ.)**

ବାତ୍ୟା ୟାସ୍ ପ୍ରଭାବରେ ରାଜନଗର ଅଞ୍ଚଳରେ ପ୍ରଭୂତ କ୍ଷୟକ୍ଷତି ହୋଇଛି। ରାଜନଗର ହେଡ୍ କ୍ୱାର୍ଟର ଓ ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲେ ମଧ୍ୟ ଅନେକ ଅଞ୍ଚଳରେ ବିଦ୍ୟୁତ୍ ବିଚ୍ଛିନ୍ନ ରହିଛି। ବାତ୍ୟା ଯୋଗୁ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସବିଆଇ)ର ରାଜନଗର ବଜାର ଓ ସାନବଡଗୋପାଳପୁରଠାରେ ଥିବା ଏଟିଏମ୍ ଏବେ ଯାଏ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଲୋକଙ୍କ ପାଖରେ ବ୍ୟାଙ୍କ ସେବା ପହଞ୍ଚାଇବାକୁ ଏସ୍‌ବିଆଇ ପକ୍ଷରୁ ଶୁକ୍ରବାରଠାରୁ ରାଜନଗର ବ୍ଲକରେ ଭ୍ରାମ୍ୟମାଣ ଏଟିଏମ୍ ବୁଲିଛି। ଶୁକ୍ରବାର ରାଜନଗରରୁ ଗୁପ୍ତି ଯାଏ ଏହି ଭ୍ରାମ୍ୟମାଣ ଏଟିଏମ୍ ଗଡିଛି। ଏହି କାର୍ଯ୍ୟକ୍ରମରେ ରାଜନଗରସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ସଞ୍ଜୀବ କୁମାର ଟପ୍ପୋ ଉପସ୍ଥିତ ଥିଲେ।

# ଏସ୍‌ସିବି କୋଭିଡ୍ ହସ୍ପିଟାଲରୁ କରୋନା ଆକ୍ରାନ୍ତ ନିଖୋଜ

**କଟକ ଅଫିସ, ୨୯।୫**

ଏସ୍‌ସିବି କୋଭିଡ୍ ହସ୍ପିଟାଲରୁ ଜଣେ କରୋନା ଆକ୍ରାନ୍ତ ନିଖୋଜ ହୋଇଯାଇଥିବା ସ୍ଥାନୀୟ ମେଡିକାଲ ଫାଣ୍ଡିରେ ଅଭିଯୋଗ ହୋଇଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ଛପଡା ଗ୍ରାମର ଅନନ୍ତ ଚରଣ ସାହୁ (୭୧)। ମିଳିଥିବା ସୂଚନା ଅନୁଯାୟୀ, ଗତ ୨୫ ତାରିଖରେ ଏସ୍‌ସିବି ମେଡିକାଲରେ ଅନନ୍ତ ଆଡ୍‌ମିଶନ ହୋଇଥିଲେ। ଅନନ୍ତ ୱାର୍ଡକୁ ଯିବାପରେ ସାଙ୍ଗରେ ଆସିଥିବା ସାନପୁଅ ବାହାରେ ରହିଥିଲେ। ଶୁକ୍ରବାର ଅନନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ତାଙ୍କ ପୁଅ ମେଡିକାଲ କର୍ତ୍ତୃପକ୍ଷଙ୍କୁ ପଚାରିଥିଲେ। ଅନନ୍ତ ବେଡ୍‌ରେ ନ ଥିବା ମେଡିକାଲ କର୍ତ୍ତୃପକ୍ଷ ତାଙ୍କ ପୁଅଙ୍କୁ ଜଣାଇଥିଲେ। ପରେ ଅନନ୍ତଙ୍କ ନିଖୋଜ ସମ୍ପର୍କରେ ତାଙ୍କ ପୁଅ ଫାଣ୍ଡିରେ ଅଭିଯୋଗ କରିଥିଲେ। ସେହିପରି ଅନନ୍ତଙ୍କ ନିଖୋଜ ସମ୍ପର୍କରେ ଶୁକ୍ରବାର ଫାଣ୍ଡି ପୋଲିସକୁ ଜଣାଇ ଦିଆଯାଇଥିବା ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା କହିଛନ୍ତି। ଫାଣ୍ଡି ପୋଲିସର ସୂଚନା ଆଧାରରେ ମଙ୍ଗଳାବାଗ ଥାନାରେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚାଲିଛି।

# ଦେବୀନଦୀରେ କୁମ୍ଭୀର: ଲୋକ ଆତଙ୍କିତ

**ନାଉଗାଁ,୨୯।୫(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀ ଦୋଳ ନିକଟ ଗଳଦାରୀ ସେତୁ ତଳେ ପ୍ରବାହିତ ଦେବୀ ନଦୀରେ ଶନିବାର ଏକ କୁମ୍ଭୀର ଭାସୁଥିବା ଦେଖିବାକୁ ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ବାତ୍ୟା ୟାସ୍ ସମୟରେ ଲଗାଣ ବର୍ଷା ଯୋଗୁ ନଦୀରେ ପାଣି ଆସିଛି। ଏହି ସମୟରେ ଉକ୍ତ କୁମ୍ଭୀର ପାଣିରେ ଭାସି ଆସିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ, ଦେବୀ ନଦୀରୁ ମତ୍ସ୍ୟଜୀବୀମାନେ ସବୁଦିନ ମାଛ ଧରିଥାନ୍ତି। ଏତଦ୍‌ବ୍ୟତୀତ ଗଜରାଜପୁର, ରୋହିଆ, ଗଳଦାରୀ, ବଛାଲୋ ଓ ଶିଖର ଆଦି ପଞ୍ଚାୟତର ବହୁ ଜନସାଧାରଣ ନଦୀ ପଠାରେ ବିଭିନ୍ନ ପରିବା ଚାଷ କରିଛନ୍ତି। ପରିବା ଚାଷରେ ପାଣି ମଡାଇବା ପାଇଁ ସେମାନେ ଏହି ନଦୀ ଜଳ ଉପରେ ନିର୍ଭର କରନ୍ତି। ଏବେ ଖରାଦିନ ହୋଇଥିବାରୁ ସ୍ଥାନୀୟ ଲୋକେ ନଦୀରେ ସ୍ନାନ କରୁଥିବା ବେଳେ ଦୁଗ୍ଧ ଚାଷୀମାନେ ସେମାନଙ୍କ ଗୋରୁ ଓ ମଇଁଷି ଆଦିଙ୍କୁ ନଦୀରେ ଗାଧୋଇ ଦେଇଥାନ୍ତି। ଏଭଳିସ୍ଥିତିରେ ନଦୀରେ କୁମ୍ଭୀର ଦେଖି ଭୟରେ ପାଣିକୁ କେହି ପ୍ରବେଶ କରୁନାହାନ୍ତି।


ଦେବୀନଦୀରେ ଭାସୁଥିବା କୁମ୍ଭୀର।

# ବୁଡ଼ିଲା ପରିବା ଫସଲ, ଚିନ୍ତାରେ ଚାଷୀ

### ବାତ୍ୟା 'ୟାସ୍'ର ପ୍ରଭାବ

**ନାଉଗାଁ,୨୯।୫(ସ୍ୱ.ପ୍ର.)**


ଚାଷ ଜମିରେ ବର୍ଷା ପାଣି ଜମି ରହିଛି।

ବାତ୍ୟା ୟାସ୍ ପ୍ରଭାବରେ ଗତ ୩ ଦିନ ଧରି ବର୍ଷା ହେବା ଯୋଗୁ ନାଉଗାଁ ବ୍ଲକର ବିଭିନ୍ନ ଚାଷ ଜମିରେ ପାଣି ଜମି ରହିଛି। ବ୍ଲକରେ ୧୮୯ ମିଲି ମିଟର ବର୍ଷା ହୋଇଥିବା ନେଇ ସୂଚନା ମିଳିଛି। ଫଳରେ ବହୁ ପରିବା ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଏନେଇ ସେମାନଙ୍କ ଚିନ୍ତା ବଢ଼ିଯାଇଛି। ସୂଚନାଯୋଗ୍ୟ, ନାଉଗାଁ ବ୍ଲକରେ ଶତକଡା ୯୦ ଭାଗ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଧାନ ବ୍ୟତୀତ ଏଠାକାର ଚାଷୀ ପନିପରିବା ଚାଷ କରିଥାନ୍ତି। ଗତ ୨ ବର୍ଷ ହେବ କୋଭିଡ୍ କଟକଣା ପାଇଁ ଚାଷୀ ଉତ୍ପାଦିତ ଦ୍ରବ୍ୟ ବିକ୍ରି କରି ନ ପାରି ହତାଶ ହୋଇ ପଡ଼ିଥିବାବେଳେ ଏବେ ବାତ୍ୟା ଯୋଗୁ ଜମିରେ ପାଣି ପଶିବା ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ବ୍ଲକର ତିରୁଣା, ଡାବର, କୋଉଥ, ଓଷକଣା, ଡେରିକି, ଶିଖର, ଗଜରାଜପୁର, ଗଳଦାରୀ, ରୋହିଆ ଆଦି ପଞ୍ଚାୟତର ବିଭିନ୍ନ ଚାଷ ଜମିରେ ପାଣି ଜମି ରହିଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଏସବୁ ପଞ୍ଚାୟତରେ ଗୋବରୀ ଓ ବାଉଁଶ ଯୋରୀ ନାଳ ଦେଇ ଉଦ୍‌ବୃତ୍ତ ଜଳ ନଦୀକୁ ପ୍ରବାହିତ ହୋଇଥାଏ। କିନ୍ତୁ ଉଭୟ ନାଳର ପୁନରୁଦ୍ଧାର କାର୍ଯ୍ୟ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ଫଳରେ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରି ଅଟକି ରହିଛି। ଏଥିଯୋଗୁ ବିଷ୍ଣୁ ମଳିକ, ଭ୍ରମରବର ସେଠୀ, ଯଶୋବନ୍ତ ଜେନା, ମିହିର ନାୟକ, ବାସୁଦେବ ଦାସ, ମାନସ ବେହେରା ଓ ସୁକାନ୍ତ ସେଠୀଙ୍କ ଭଳି ବହୁ ପରିବା ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏନେଇ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ଯୋଗାଇଦେବାକୁ ନବ ନିର୍ମାଣ କୃଷକ ସଙ୍ଗଠନର ସହ ସଂଯୋଜକ ଅଶୋକ ସ୍ୱାଇଁ, ସୁବାସ ସ୍ୱାଇଁ ଓ କୈଳାସ ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

## ହନୁମାନ ମନ୍ଦିର ହୁଣ୍ଡିରୁ ଚୋରି

ଖଣ୍ଡପଡ଼ା,୨୯।୫(ସ୍ୱ.ପ୍ର)-ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଖଳିସାହି ଡୋଟା ହନୁମାନଙ୍କ ମନ୍ଦିର ଗର୍ଭଗୃହରେ ଥିବା ଏକ ହୁଣ୍ଡି(ଦାନବାକ୍ସ)କୁ କେହି ଶୁକ୍ରବାର ରାତିରେ ଚୋରି କରିଥିବା ଅଭିଯୋଗ ହୋଇଛି । ଶୁକ୍ରବାର ସନ୍ଧ୍ୟା ଆଳତୀ ପରେ ପୂଜକମାନେ ମନ୍ଦିରର ମୁଖ୍ୟ ଫାଟକରେ ତାଲା ପକାଇ ଘରକୁ ଚାଲି ଯାଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିରର ଲୁହା ଗ୍ରୀଲ ଓ କବାଟର ତାଲା ଭାଙ୍ଗି ହୁଣ୍ଡିଟିକୁ ଚୋରୀ କରି ନେଇଥିବା ଜଣାପଡିଛି । ଶନିବାର ସକାଳେ ମନ୍ଦିରକୁ ଆସିଥିବା ପୂଜକମାନେ ଘଟଣା ସଂପର୍କରେ ଜାଣିବା ପରେ ମନ୍ଦିର ପରିଚାଳନା କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ ।

## ସଂକ୍ଷେପରେ

### ଡ୍ୟାମ୍‌ରେ ବୁଡ଼ି ନାବାଳକ ମୃତ

**ବାଣପୁର,୨୯।୫(ଡି.ଏନ୍.ଏ.):** ଡ୍ୟାମରେ ବୁଡ଼ି ଶନିବାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଖଣ୍ଡିଆନାଳ ଗ୍ରାମର ସହଦେବ ଶବରଙ୍କ ପୁଅ ପ୍ରଦୀପ ଶବର(୧୫)। ସୂଚନା ମୁତାବକ, ବାଣପୁର ଥାନା ଅଧୀନ ନୀଳାଦ୍ରିପ୍ରସାଦ ପଞ୍ଚାୟତର ଖାରିଆପଲ୍ଲୀ ଗ୍ରାମ ମାଉସୀ ଘରକୁ କିଛି ଦିନ ହେବ ପ୍ରଦୀପ ଆସିଥିଲେ। ଶନିବାର ଅପରାହ୍ନ ପ୍ରାୟ ୨ଟାରେ ଗାଁର ଦୁଇ ଜଣ ନାବାଳକଙ୍କ ସହ ପ୍ରଦୀପ ଗ୍ରାମ ନିକଟ ଏକ ଡ୍ୟାମକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ବେଳେ ପ୍ରଦୀପଙ୍କ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ଏହା ଦେଖି ଅନ୍ୟ ଦୁଇ ଜଣ ତାଙ୍କ ମାଉସୀଙ୍କ ଘରେ ଜଣାଇଥିଲେ। ଖବରପାଇ ଅଗ୍ନିଶମ କେନ୍ଦ୍ର ଅଧିକାରୀ ବିବେକାନନ୍ଦ ଦାସ ସଦଳବଳେ ପହଞ୍ଚି ପ୍ରଦୀପକୁ ପାଣିରୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୨ ମହିଳାଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨୯।୫:** ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳର ଦୁଇଟି ପୃଥକ୍ ସ୍ଥାନରେ ଦୁଇଜଣ ମହିଳା ଆତ୍ମହତ୍ୟା କରିଛନ୍ତି। ଏ ନେଇ ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବଡ଼ବଜାର ଥାନା ଅନ୍ତର୍ଗତ ରଙ୍ଗୁଣିବନ୍ଧ ସାହି ନିକଟସ୍ଥ ଶାସ୍ତ୍ରୀନଗର ପଞ୍ଚମ ଲାଇନ୍‌ର ପ୍ରମିଳା ବେହେରା (୩୨) ଶୁକ୍ରବାର ଘରେ ଶାଢ଼ି ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ପୋଲିସ ନମ୍ବର ୯/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରି ଶନିବାର ବ୍ୟବଚ୍ଛେଦ ପାଇଁ ପଠାଇଛି। ସେହିପରି ଶନିବାର ସକାଳେ ଫାଷ୍ଟଗେଟ ପାଣିଗ୍ରାହୀନଗରର ନିତାଞ୍ଜଳି ଚୌଧୁରୀ (୩୮) ଘରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। କେସ୍ ନମ୍ବର ୧୦/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରାଥମିକ ଅନୁସନ୍ଧାନରୁ ଦୁଇଟି ଯାକ ଘଟଣା ପାରିବାରିକ କଳହରୁ ଘଟିଥିବା ପୋଲିସ ସନ୍ଦେହ କରୁଛି।

### ୪୬ ୟୁନିଟ୍ ରକ୍ତ ସଂଗ୍ରହ

**କବିସୂର୍ଯ୍ୟନଗର,୨୯।୫:** କବିସୂର୍ଯ୍ୟନଗର ଏନ୍‌ଏସି ସ୍ଥିତ କଲ୍ୟାଣ ମଣ୍ଡପଠାରେ ଓଡ଼ିଶା ମୋ ପରିବାର ଏବଂ ଜୀବନ ବିନ୍ଦୁ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାମାରୀରେ ରକ୍ତ ଅଭାବକୁ ଦୃଷ୍ଟିରେ ରଖି ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥି ଭାବେ ଗଞ୍ଜାମ ଜିଲା ଜୀବନ ବିନ୍ଦୁ ସଂଯୋଜକ ସୁବାସ ମହାରଣା, ରାଜ୍ୟ ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ, ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ, ପ୍ରାକ୍ତନ କବିସୂର୍ଯ୍ୟନଗର ଏନ୍‌ଏସି ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର ଓ ଲକ୍ଷ୍ମୀପ୍ରିୟା ସାହୁଙ୍କ ବ୍ୟତୀତ କାଉନସିଲର ରସଲ ଦାସ, ପ୍ରଶ୍ନ ନାୟକ, ରାକେଶ ପ୍ରଧାନ, ଦିଲୀପ ସାହୁ ଓ ରାଜେନ୍ଦ୍ର ଖଟେଇ ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ୭ ଶିକ୍ଷକଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯିବା ସହ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ମୋଟ ୪୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

### କରୋନା ସଚେତନତା ସମ୍ପର୍କିତ ପାଠଚକ୍ର

ବ୍ରହ୍ମପୁର ଅଫିସ,୨୯।୫
ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ କରୋନା ସଚେତନତା ପାଠଚକ୍ର ଭର୍ଚ୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଉତ୍ତମା ଜେନା ଅଧ୍ୟକ୍ଷତା କରିଥିଲେ। ଏମ୍‌କେସିଜି ମେଡିକାଲ କଲେଜ ଶିଶୁରୋଗ ବିଶେଷଜ୍ଞ ବି.ମହେଶ୍ୱର ରାଓ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ଗଞ୍ଜାମ ଜିଲା ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଡିପିଓ ଡା. ସ୍ୱର୍ଣ୍ଣଲତା ପଟ୍ଟନାୟକ ଉପସ୍ଥିତ ଥିଲେ। ପାଠଚକ୍ରରେ କରୋନା ମହାମାରୀ ଦ୍ୱିତୀୟ ଲହର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଡ. ବରୁଣ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବେଆଇନ ପାଥୋଲୋଜି ସେଣ୍ଟର ପ୍ରତି ଅନୁକମ୍ପା

**୧୫ ସେଣ୍ଟରକୁ ଅନୁମତି ମିଳିଛି, କାମ କରୁଛି ୧୫୦**

**ନୟାଗଡ଼ ଅଫିସ,୨୯।୫:** ନୟାଗଡ଼ ଜିଲାରେ ବେଆଇନ ପାଥୋଲୋଜି ସେଣ୍ଟର ଖୋଲିବାକୁ ଅନୁକମ୍ପା ପ୍ରଦର୍ଶନ କରାଯାଉଛି । ଜିଲାରେ ମାତ୍ର ୧୫ଟି ପାଥୋଲୋଜି ସେଣ୍ଟର ଲାଇସେନ୍ସ ପାଇଥିବାବେଳେ ୧୫୦ରୁ ଊର୍ଦ୍ଧ୍ୱ ବେଆଇନ ଭାବେ ଚାଲିଛି। ଏପରି ବେଆଇନ ପାଥୋଲୋଜି ସେଣ୍ଟର ବିରୋଧରେ ପର୍ଯ୍ୟାୟ କ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ସିଡିଏମ୍‌ଓ କହିଛନ୍ତି । ହେଲେ ତାହା କେବଳ ଧର୍ମକୁ ଆଖିଠାର ବୋଲି ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ପାଥୋଲୋଜି ସେଣ୍ଟର ଖୋଲିବା ପାଇଁ ସରକାରଙ୍କ ସ୍ୱତନ୍ତ୍ର ନିୟମ ରହିଛି । ଏଥିପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କ ନିକଟରେ ନିର୍ଦ୍ଧାରିତ ଅର୍ଥ ଜମା କରି ପଞ୍ଜିକୃତ କରାଯାଇ ପାରିବ । ହେଲେ ବିନା ପଞ୍ଜିକରଣରେ ପାଥୋଲୋଜି ସେଣ୍ଟର ଚାଲିବା ସରକାରଙ୍କ ନିୟମ ବିରୋଧ ବୋଲି ଅଭିଯୋଗ ହୋଇଛି। ଅନୁମତି ପାଇଥିବା ୧୫ ପାଥୋଲୋଜି ସେଣ୍ଟର ମଧ୍ୟରୁ କେବଳ ୧୩ଟି ନୟାଗଡ଼ ଜିଲା ସଦର ମହକୁମାରେ ରହିଛି । ଅବଶିଷ୍ଟ ୨ ମଧ୍ୟରୁ ଗୋଟିଏ ଚାନ୍ଦପୁର ଓ ଅନ୍ୟଟି ଖଣ୍ଡପଡ଼ାରେ ରହିଛି । କିନ୍ତୁ ଜିଲାର ନୟାଗଡ଼, ରଣପୁର, ଭାପୁର, ଖଣ୍ଡପଡ଼ା, ଓଡ଼ଗାଁ, ନୂଆଗାଁ, ଗଣିଆ, ଦଶପଲ୍ଲା ବ୍ଲକ ସମେତ ୫ ସହରାଞ୍ଚଳରେ ଏହି ନିୟମକୁ ଶୀତଳଭଣ୍ଡାରରେ ଫୋପାଡି ଦିଆଯାଇ ଶତାଧିକ ପାଥୋଲୋଜି ସେଣ୍ଟର ଖୋଲାଯାଇଛି।

୫ରୁ ୧୦ ହଜାର ଟଙ୍କା ଖର୍ଚ୍ଚ କଲେ ବେଆଇନ ସଂସ୍ଥାରୁ ଟେକନସିଆନ ସାର୍ଟିଫିକେଟ୍ ହାସଲ କରାଯାଇପାରୁଛି। ସେହି ସାର୍ଟିଫିକେଟ ହାସଲ ପରେ ପାଥୋଲୋଜି ସେଣ୍ଟର ଖୋଲାଯାଇପାରୁଛି । ସେଣ୍ଟର ମାଲିକ ଫଳକ ମାରି ରକ୍ତ, ମଳ, ମୁତ୍ର ଆଦି ପରୀକ୍ଷା କରୁଛନ୍ତି। ବ୍ୟବହାରିକ ଓ ବୃତ୍ତିଗତ ଜ୍ଞାନ ଅଭାବରୁ ରୋଗୀମାନେ ଆର୍ଥିକ ଦୃଷ୍ଟିରୁ ଶୋଷିତ ହୋଇ ଚାଲିଛନ୍ତି। ଅନ୍ୟପକ୍ଷେ ତ୍ରୁଟିପୂର୍ଣ୍ଣ ପରୀକ୍ଷା ଯୋଗୁ ରୋଗୀମାନେ ହଇରାଣ ହେଉଛନ୍ତି। ଏଥିପାଇଁ କେତେକ ରୋଗୀ ଠିକ୍ ଚିକିତ୍ସା ସେବା ପାଇ ପାରୁନାହାନ୍ତି । ବହୁ ରୋଗୀ ତ୍ରୁଟିପୂର୍ଣ୍ଣ ପରୀକ୍ଷା ରିପୋର୍ଟକୁ ନେଇ ଚିନ୍ତାରେ ପଡୁଛନ୍ତି । ଏଭଳି ଘଟଣା ବିଭିନ୍ନ ସମୟରେ ଘଟି ଥିଲେ ମଧ୍ୟ ଆର୍ଥିକ ଲୋଭ ଓ ରାଜନୈତିକ ଚାପ ପକାଇ ସବୁ ଅଭିଯୋଗକୁ ଚାବି ଦିଆଯାଉଛି ରୋଗୀଙ୍କ ସମ୍ପର୍କୀୟମାନେ କହିଛନ୍ତି । ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶକ୍ତିପ୍ରସାଦ ମିଶ୍ର କୁହନ୍ତି, ବିଭାଗୀୟ ଅଧିକାରୀମାନେ ଏପରି ସେଣ୍ଟର ଉପରେ ନଜର ରଖିଛନ୍ତି। ପଞ୍ଜିକୃତ ହୋଇ ନ ଥିବା ପାଥୋଲୋଜି ସେଣ୍ଟରକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

# ମା’ ନାରାୟଣୀଙ୍କ ପୋଖରୀ ପ୍ରଦୂଷିତ


ମା’ଙ୍କ ପ୍ରଦୂଷିତ ପୋଖରୀ ।

**ଖଣ୍ଡପଡ଼ା୨୯।୫(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ପଥରଚକଡା ଗ୍ରାମ ନିକଟରେ ଅବସ୍ଥିତ ପୌରାଣିକ ମା’ ନାରାୟଣୀ ପୀଠର ପୁଷ୍କରିଣୀ ଏବେ ପ୍ରଦୂଷିତ ଓ ପରିତ୍ୟକ୍ତ ଅବସ୍ଥାରେ ରହିଛି । ଏହାକୁ ନେଇ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ମା’ନାରାୟଣୀଙ୍କ ମନ୍ଦିର ସାମନାରେ ରହିଥିବା ଏହି ପୁଷ୍କରିଣୀର ଜଳକୁ ପୂଜା କାର୍ଯ୍ୟରେ ବ୍ୟବହାର କରାଯାଏ । ଶ୍ରଦ୍ଧାଳୁମାନେ ସେହି ଜଳକୁ ସିଧାସଳଖ ପାନୀୟ ଜଳ ଭାବେ ବ୍ୟବହାର କରିଥାନ୍ତି । ବିଭିନ୍ନ ସମୟରେ ମନ୍ଦିରକୁ ଆସୁଥିବା ପର୍ଯ୍ୟଟକମାନେ ସେହି ପାଣିକୁ ରୋଷେଇ କାର୍ଯ୍ୟରେ ବ୍ୟବହାର କରିଥାନ୍ତି । ବନ୍ଧ୍ୟା ନାରୀମାନେ ମା’ ନାରାୟଣୀଙ୍କ ହୁକୁମ ପାଇ ସେଠାରେ ସ୍ନାନ କରି ଏକ ପଥର ଆଣି ମନ୍ଦିର ପରିସରରେ ରଖିଲେ ସେମାନଙ୍କ ଗର୍ଭ ଧାରଣ ହୁଏ ବୋଲି ବିଶ୍ୱାସ ରହିଛି । ସଂପ୍ରତି ଉକ୍ତ ପୋଖରୀଟି ବିଭିନ୍ନ ଦଳରେ ପରିପୂର୍ଣ୍ଣ ହୋଇ ରହିଛି । ପୋଖରୀ ଚାରି ପାଖରେ ବଣ ଭୋଜି କିମ୍ବା ବିବାହ ବ୍ରତର ଆୟୋଜନ କରାଯାଏ । ଅଁଇଠା ଖଲିପତ୍ର ଉଡି ପୋଖରୀରେ ପଡୁଥିବାରୁ ତାହା ଆବର୍ଜନାରେ ପୂର୍ଣ୍ଣ ହୋଇ ରହିଥାଏ। ପରିତ୍ୟକ୍ତ ପୋଖରୀକୁ ସଫା କିମ୍ବା ପଙ୍କ ଉଦ୍ଧାର ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି । ଏହି ପୁଷ୍କରିଣୀର ରକ୍ଷଣାବେକ୍ଷଣ ଦାୟିତ୍ୱ ଖଣ୍ଡପଡ଼ା ଦେବୋତ୍ତର ବିଭାଗ ଉପରେ ନ୍ୟସ୍ତ ରହିଛି । ତଥାପି ଏହି ପବିତ୍ର ପୋଖରୀର ସୁରକ୍ଷା କିମ୍ବା ଉନ୍ନତି ଦିଗରେ ସେପରି ଆଖିଦୃଶିଆ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ ହେଉଛି । ଗତ ବର୍ଷ ଉକ୍ତ ପୋଖରୀକୁ ସଫା କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଳିଆ ଆବର୍ଜନାରେ ତାହା ଭର୍ତ୍ତି ହୋଇଯାଇଛି ବୋଲି ଦେବୋତ୍ତର ମ୍ୟାନେଜର ହରିହର ଦାଶ ସୂଚନା ଦେଇଛନ୍ତି।

# ଗାଁ ସଫେଇ କଲେ ଯୁବଗୋଷ୍ଠୀ


ଯୁବକମାନଙ୍କ ଦ୍ୱାରା ସଫେଇ କାମ ଚାଲିଛି ।

**ସଚେତନତା ବାର୍ତ୍ତା ବାଣ୍ଟିଲେ**

**ନୟାଗଡ଼ ଅଫିସ,୨୯।୫:** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ସୁନାମୁହିଁ ପଞ୍ଚାୟତ ଲଣ୍ଡାବାଦୁ ଗାଁରେ ୨ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଗ୍ରାମବାସୀଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଥିଲା । କେହି ପଦାକୁ ବାହାରୁ ନ ଥିଲେ । ହେଲେ ଗାଁର ଯୁବକମାନେ ଏକତ୍ରିତ ହୋଇ ନଳକୂପ, ପୋଖରୀ, ଡ୍ରେନ, କୋଠଘର, ସ୍କୁଲ ପରିସରକୁ ସଫେଇ କରିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର ହୋଇଛି । ଗାଁର ବିଭିନ୍ନ ଅଞ୍ଚଳରେ ସେମାନେ ବ୍ଲିଚିଂ ପାଉଡର ପକାଇ ବିଶୋଧନ କରାଇବା ସହ ସମସ୍ତେ ମାସ୍କ ପିନ୍ଧିବାକୁ ଅନୁରୋଧ କରିଛନ୍ତି। ସାମାଜିକ ଦୂରତ୍ୱ ରକ୍ଷା, କୋଭିଡ୍ ଗାଇଡ୍ ଲାଇନ୍ ପାଳନ କରିବାକୁ ଏହି ଯୁବକମାନେ ଗ୍ରାମବାସୀଙ୍କୁ ସଚେତନ କରିଛନ୍ତି। ଯୁବକଙ୍କ ଏପରି ଉଦ୍ୟମ ଯୋଗୁ ଗାଁ ପରିବେଶ ସ୍ୱଚ୍ଛ ହୋଇଛି । ପ୍ରତିଦିନ ଗ୍ରାମବାସୀ ନିଜ ଅଞ୍ଚଳକୁ ପରିଷ୍କାର ରଖିବା, କରୋନା କଟକଣାକୁ ମାନିବା ଓ ଟିକା ନେବାକୁ ସମ୍ପୃକ୍ତ ଯୁବକମାନେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

# ମୂଲ୍ୟ ନିର୍ଦ୍ଧାରଣ ପରେ ଶାଳମଞ୍ଜି ସଂଗ୍ରହ

**ଦଶପଲ୍ଲା,୨୯।୫(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ଆଦିବାସୀ ଉନ୍ନୟନ ବିଭାଗ ଚଳିତ ବର୍ଷ ପାଇଁ ୬୪ ଜଙ୍ଗଲ ଜାତ ଦ୍ରବ୍ୟର ସରକାରୀ କ୍ରୟ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ମାଇନର ଫରେଷ୍ଟ ପ୍ରଡକ୍ଟ ସ୍କିମ୍ ଜରିଆରେ ଏମ୍‌ଏସ୍‌ପି ବା ମିନିମମ୍ ସପୋର୍ଟ ପ୍ରାଇସ୍ ଦେବାକୁ ସରକାର ଘୋଷଣା କରିଛନ୍ତି । ତଦନୁଯାୟୀ କିଲୋ ପ୍ରତି ଶାଳ ମଞ୍ଜି ଦର ୨୦ଟଙ୍କା, ନିମ ମଞ୍ଜି-୨୭ଟଙ୍କା, ବାହାଡା-୧୭ଟଙ୍କା, ହରିଡା-୧୬ଟଙ୍କା, ଅଁଳା-୫୨ଟଙ୍କା, ମହୁଲ-୩୦ଟଙ୍କା ରହିଛି । ସେହିଭଳି ଅନ୍ୟ ଦ୍ରବ୍ୟଗୁଡିକର ମଧ୍ୟ ଦର ଧାର୍ଯ୍ୟ କରାଯାଇଛି । ଏସମ୍ପର୍କରେ ସାମାଜିକ କର୍ମୀ ନିତ୍ୟାନନ୍ଦ ନାଏକ କଳସାଖମଣ, ନୂଆଗାଁ ଆଦି ପଞ୍ଚାୟତରେ ବୁଲି ଲୋକଙ୍କୁ ସଚେତନ କରାଉଛନ୍ତି । ସରକାରଙ୍କ ଏମ୍‌ଏସ୍‌ପି ତାଲିକା ଦେଖିବା ପରେ ଗାଁ ଲୋକେ ଶାଳମଞ୍ଜି ସଂଗ୍ରହ କରିବା ଆରମ୍ଭ କରିଛନ୍ତି।

# ଦେଶୀ ମଦଭାଟି ଉପରେ ଚଢ଼ାଉ

- ୨ ପ୍ୟାକିଂ ମେଶିନ ସହ ୬୦ ଲିଟର ମଦ ଜବତ
- ବାପା ସମେତ ୨ପୁଅ ଜେଲ ଗଲେ

**ନୟାଗଡ଼ ଅଫିସ,୨୯।୫:** ନୟାଗଡ଼ ସଦର ଥାନା ପୋଲିସ ମାଛିପଡ଼ାର ଏକ ଦେଶୀମଦ ଭାଟି ଉପରେ ଚଢ଼ାଉ କରି ୨ ମଦ ପ୍ୟାକିଂ ମେଶିନ ସହ ୬୦ ଲିଟର ଦେଶୀ ମଦ ଜବତ କରିଛି । ବେଆଇନ ମଦ ତିଆରି ଓ ବିକ୍ରି ଅଭିଯୋଗରେ ମାଛିପଡା ଗାଁର ଦୁଃଖିଶ୍ୟାମ ସାହୁ ଓ ତାଙ୍କ ଦୁଇ ପୁଅ ଅଜୟ ଓ ବିଜୟଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ ମାଛିପଡାର ଦୁଃଖିଶ୍ୟାମଙ୍କ ପରିବାର ଦେଶୀ ମଦ ତିଆରି କରି ଜିଲାର ବିଭିନ୍ନ ଅଞ୍ଚଳକୁ ପଠାଉ ଥିଲେ। ମଦ ପ୍ୟାକିଂ ପାଇଁ ଏକ ମେଶିନ ରଖିଥିଲେ । ପୁଣି ନିଜ ଘରେ ଦେଶୀ ମଦ ବିକ୍ରି କରୁଥିଲେ । ଶନିବାର ଚଢ଼ାଉ ପରେ ପୋଲିସ ଏକ ମାମଲା(ନଂ.୭୮/୨୧) ରୁଜୁ କରି ତଦନ୍ତ କରୁଛି।


ଗିରଫ ବାପ ପୁଅ ।

# ୧୦ ବର୍ଷ ବିତିଲା, ପାନୀୟ ଜଳ ପ୍ରକଳ୍ପ କାମ ଅଧା

**ନୟାଗଡ଼ ଅଫିସ,୨୯।୫:** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବେରୁଆବାରି ପଞ୍ଚାୟତ ବଧୁଲିପୁର ଗାଁରେ ଏକ ପାନୀୟ ଜଳ ପ୍ରକଳ୍ପ କାମ ନିର୍ମାଣାଧୀନ ଅବସ୍ଥାରେ ଅଛି । କାମ ଆରମ୍ଭ ହେବାରେ ଇତିମଧ୍ୟରେ ୧୦ ବର୍ଷ ପୂରିଛି । ହେଲେ କାମ କେବେ ସରିବ ସେ ନେଇ କୌଣସି ସୂଚନା ମିଳୁନାହିଁ। ପ୍ରତିବର୍ଷ ଗ୍ରୀଷ୍ମଋତୁରେ ବଧୁଲିପୁର ଓ ତା’ର ଆଖପାଖ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉକ୍ରଟ ରୂପ ଧାରଣ କରିଥାଏ । ମହିଳାମାନେ ଗାଁରୁ ବହୁ ଦୂରକୁ ଯାଇ ପାନୀୟ ଜଳ ସଂଗ୍ରହ କରିଥାନ୍ତି । ଏପରି ସମସ୍ୟାକୁ ନେଇ ଗ୍ରାମବାସୀ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ । ବହୁ ଦାବି ଓ ଆନ୍ଦୋଳନ ପରେ ଉକ୍ତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାମ ଆରମ୍ଭ ହୋଇଥିଲା । ହେଲେ ଆଜି ପର୍ଯ୍ୟନ୍ତ ସେହି କାମ ଶେଷ ହୋଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

# କରୋନାରେ ୨ଜଣ ମୃତ

**ଖଣ୍ଡପଡ଼,୨୯।୫(ସ୍ୱ.ପ୍ର)**

ଖଣ୍ଡପଡ଼ା ବ୍ଲକ ଅଧୀନ କିଆଝର ଗ୍ରାମର ରଘୁନାଥ ସିଂ(୬୪)ଙ୍କ କରୋନାରେ ମୃତ୍ୟୁ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି । ଗତ କିଛି ଦିନ ହେଲା ସେ ଜ୍ୱରରେ ଆକ୍ରାନ୍ତ ହୋଇ ଚାନ୍ଦପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ସେହିପରି କିଆଝର ପଞ୍ଚାୟତ ଗୋଚ୍ଛାବାରୀ ଗ୍ରାମର ଆକୁଳ ମହାକୁଡଙ୍କ ପରିବାର ସଦସ୍ୟମାନେ କରୋନାରେ ଆକ୍ରାନ୍ତ ହୋଇଛନ୍ତି । ତାଙ୍କର ଏକମାତ୍ର ପୁଅ ସୋମନାଥ(୩୨)ଙ୍କ ଶୁକ୍ରବାର ରାତିରେ ଭୁବନେଶ୍ୱରସ୍ଥିତ ଏକ କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ଘଟିଛି । ଆକୁଳ, ମୃତ ସୋମନାଥଙ୍କ ସ୍ତ୍ରୀ ସୁଲୋଚନା ଓ ୨ ପୁଅ ମଧ୍ୟ କରୋନାରେ ସଂକ୍ରମିତ ହୋଇଥିବା ଗ୍ରାମବାସୀ କହିଛନ୍ତି ।

# ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ଜଣେ ଗୁରୁତର

**ହିଞ୍ଜିଳିକାଟୁ, ୨୯।୫(ଡି.ଏନ୍.ଏ)**

ହିଞ୍ଜିଳି ଥାନା ବ୍ରାହ୍ମଣଛାଇରେ ବାଛୁରି ବିକ୍ରିକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ମଙ୍ଗୁଲୁ ପୃଷ୍ଟି ଗୁରୁତର ହୋଇଛନ୍ତି। ମଙ୍ଗୁଲୁଙ୍କ ଭାଇ ଅଶୋକଙ୍କ ଅଭିଯୋଗ କ୍ରମେ ସ୍ଥାନୀୟ ପୋଲିସ ନଂ. ୨୭୩/୨୧ରେ ମାମଲା ରୁଜୁ କରିଛି। କିଛି ମାସ ତଳେ ଅଶୋକ, ମଙ୍ଗୁଲୁ ଓ ଗ୍ରାମର ଅନ୍ୟ କିଛି ବ୍ୟକ୍ତି ଏକ ବାଛୁରିକୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରି ପିତଳ ପଶୁ ଡାକ୍ତରଖାନାରେ ଚିକିତ୍ସିତ କରିଥିଲେ। ବାଛୁରିଟି ସୁସ୍ଥ ହେବା ପରେ ତାକୁ ଗ୍ରାମର ସ୍ୱରାଜ୍ୟ ପୃଷ୍ଟି ବିକ୍ରି କରି ଦେଇଥିଲେ। ଏହାକୁ ନେଇ ମଙ୍ଗୁଲୁ ଓ ସ୍ୱରାଜ୍ୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସ୍ୱରାଜ୍ୟଙ୍କ କାଟି ଚୋଟରେ ଗୁରୁତର ମଙ୍ଗୁଲୁଙ୍କୁ ପିତଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅନ୍ୟ ପକ୍ଷରେ ଗ୍ରାମର ଦୁଖୀଶ୍ୟାମ ପୃଷ୍ଟି ପାଲଟା ଅଭିଯୋଗ କରିଛନ୍ତି ଯେ, ସେ ଓ ତାଙ୍କ ପୁଅ ସରୋଜ ଗୁହାଳରେ ଥିବା ବେଳେ ମଙ୍ଗୁଲୁ , ଅଶୋକଙ୍କ ସମେତ ଅନ୍ୟ ୩ଜଣ ଆସି ବାଛୁରି କାହିଁକି ବିକ୍ରି କଲ ବୋଲି ଆକ୍ରମଣ କରିଥିଲେ। ଏ ନେଇ ପୋଲିସ ନଂ. ୨୭୪/୨୧ରେ ମାମଲା ରୁଜୁ କରି ଜଣକୁ ଅଟକ ରଖିଛି।

# ଚମ୍ପାଗଡ଼ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍

**ନୟାଗଡ଼ ଅଫିସ,୨୯।୫:** ନୟାଗଡ଼ ଜିଲା ରଣପୁର ତହସିଲ ଚମ୍ପାଗଡ଼ ପଞ୍ଚାୟତ ଚମ୍ପାଗଡ଼ ଗାଁକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି । ଶନିବାର ସନ୍ଧ୍ୟା ୬ଟାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କରୋନା କଟକଣା ଲାଗୁ କରାଯାଇଛି ବୋଲି ତହସିଲଦାରଙ୍କଠାରୁ ସୂଚନା ମିଳିଛି। ଅନ୍ୟପକ୍ଷେ ଶନିବାର ରିପୋର୍ଟରେ ନୟାଗଡ଼ ଜିଲାରେ ୨୪୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଭାପୁର ବ୍ଲକରେ ୭, ଦଶପଲ୍ଲା ବ୍ଲକରେ ୧୨, ଗଣିଆ ବ୍ଲକରେ ୭, ଖଣ୍ଡପଡା ବ୍ଲକରେ ୧୩, ନୟାଗଡ଼ ବ୍ଲକରେ ୩୬, ନୂଆଗାଁ ବ୍ଲକରେ ୨୪, ଓଡ଼ଗାଁ ବ୍ଲକ ୫୦, ରଣପୁର ବ୍ଲକ ୭୧, ନୟାଗଡ଼ ପୌରାଞ୍ଚଳରେ ୨୨ଜଣ ଅଛନ୍ତି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୪୯୦ରେ ପହଞ୍ଚିଛି । କରୋନାର ପ୍ରଥମ ଓ ୨ୟ ପର୍ଯ୍ୟାୟ ଲହର ନୟାଗଡ଼ ଜିଲାରୁ ୫୦ ଜୀବନ ନେଇ ସାରିଛି।

# ବୟସ୍କଙ୍କୁ ଟିକା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦାବି

**ଉଠା ଦୋକାନୀଙ୍କୁ ଟଙ୍କା**

**ବ୍ରହ୍ମପୁର ଅଫିସ,୨୯।୫**

ବ୍ରହ୍ମପୁର ମହାନଗରରେ ଅନେକ ଉଠା ବ୍ୟବସାୟୀ ରହିଛନ୍ତି। ଏହି ବର୍ଗର ଲୋକମାନେ ନିଜ ନିଜର ଜୀବିକା ପାଇଁ ପ୍ରତିଦିନ ପାନ, ଚା ଦୋକାନଠାରୁ ଆରମ୍ଭକରି ଠେଲାଗାଡିରେ ଫଳ ପନିପରିବା ବିକ୍ରି କରିଥାନ୍ତି। ରାସ୍ତା କଡ଼ରେ ଶାଗ, ଫୁଲ, ଦୀପ ବିକ୍ରି କରି ବଞ୍ଚୁଥିବା ମଣିଷ ପ୍ରତିଦିନ ବିଏମ୍‌ସିକୁ ଟିକସ ମଧ୍ୟ ଦେଇ ଆସୁଛନ୍ତି। କରୋନା କାଳରେ ଏହି ବର୍ଗର ବ୍ୟବସାୟୀ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। କରୋନା ଏମାନଙ୍କ ଜୀବନ ଓ ଜୀବିକାକୁ ନଷ୍ଟ କରି ସାରିଛି। କିନ୍ତୁ ସରକାର କେବଳ ନୀରବ ହୋଇ ଦେଖି ରହିବା ଦୁର୍ଭାଗ୍ୟର କଥା। ବ୍ରହ୍ମପୁର ମହାନଗର ନିଗମ ତୁରନ୍ତ ଏହି ବର୍ଗର ଛୋଟ ଛୋଟ ଦୋକାନୀମାନଙ୍କୁ ମାସିକ ୬ ହଜାର ଟଙ୍କା ଦେବା ପାଇଁ ଗଞ୍ଜାମ ଜିଲା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସଭାପତି ପୀତବାସ ପଣ୍ଡା ଦାବି କରିଛନ୍ତି। ଏଥିସହ ମହାନଗର ନିଗମରେ ଚାଲିଥିବା ଟିକାକରଣ ଅଭିଯାନରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଗାଡି ଦ୍ୱାରା ଘରୁ ଆଣି ଟିକା କେନ୍ଦ୍ରରେ ପହଞ୍ଚାଇବା ଓ ଟିକା ଦେଇ ସାରିବା ପରେ ବୃଦ୍ଧ ବ୍ୟକ୍ତିଙ୍କୁ ନିଜ ନିଜ ଘରେ ପହଞ୍ଚାଇବା ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି।

# ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା ନେଇ ଅସନ୍ତୋଷ

**ସାକେରୀ ସରପଞ୍ଚ ବୈଠକରେ ଅନୁପସ୍ଥିତ ରହିବା ମାମଲା**

**ନୟାଗଡ଼ ଅଫିସ,୨୯।୫:** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ସାକେରୀ ପଞ୍ଚାୟତ ସରପଞ୍ଚ କ୍ରମାଗତ ୩ଟି ପଞ୍ଚାୟତ ବୈଠକରେ ଅନୁପସ୍ଥିତ ରହିବା ମାମଲାରେ ଜିଲାପାଳଙ୍କ କୋର୍ଟ ଚୁଡ଼ାନ୍ତ ରାୟ ଦେବାକୁ ସମୟ ଗଡାଇ ଚାଲିଥିବା ଅଭିଯୋଗ ହୋଇଛି । ହାଇକୋର୍ଟଙ୍କ ଆଦେଶକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟକାରୀ କରା ନ ଯାଇ ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ବେଖାତିର କରାଯାଉଥିବା ଜିଲା କଂଗ୍ରେସ ସଭାପତି ତଥା ଆଇନଜିବୀ ରଣଜିତ୍ ଦାଶ ଅଭିଯୋଗ କରିଛନ୍ତି । ପଞ୍ଚାୟତ କାର୍ଯ୍ୟକାଳ ଶେଷ ହେବା ପାଇଁ ଆଉ କିଛି ମାସ ବାକି ଥିବାବେଳେ ଆବେଦନକାରୀ ୱାର୍ଡମେମ୍ବରମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ସେ ଦର୍ଶାଇଛନ୍ତି। ଅଭିଯୋଗ ଅନୁସାରେ ସାକେରୀ ସରପଞ୍ଚ ବିବେକାନନ୍ଦ ପ୍ରଧାନ ଲଗାତାର ୩ଟି ପଞ୍ଚାୟତ ବୈଠକରେ ଅନୁପସ୍ଥିତ ରହିଥିଲେ । ଏନେଇ ସୂଚନା ଆଇନରେ ମିଳିଥିବା ତଥ୍ୟକୁ ନେଇ ପଞ୍ଚାୟତର ନିରଞ୍ଜନ ମହାପାତ୍ରଙ୍କ ସମେତ ୯ ୱାର୍ଡ ମେମ୍ବର ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ । କିଛି ସୁଫଳ ନ ମିଳିବାରୁ ନିରଞ୍ଜନ ମହାପାତ୍ରଙ୍କ ସମେତ ୯ଜଣ ୱାର୍ଡ ମେମ୍ବର ସୂଚନା ଆଇନର ପ୍ରଦତ୍ତ ତଥ୍ୟକୁ ନେଇ ପଞ୍ଚାୟତରାଜ ପ୍ରମୁଖ ଶାସନ ସଚିବ, ନୟାଗଡ଼ ଜିଲାପାଳଙ୍କ ସମେତ ୮ ଜଣ ସରକାରୀ ଅଧିକାରୀଙ୍କୁ ପକ୍ଷଭୁକ୍ତ କରି ହାଇକୋର୍ଟରେ ଆଶ୍ରୟ ନେଇଥିଲେ। ହାଇକୋର୍ଟ ପକ୍ଷରୁ ଡବ୍ଲୁପି(ସି) ୧୨୫୦୦/୨୦୨୦ ରିଟ୍ ପିଟଶନ ଉପରେ ୧।୬।୨୦୨୦ରେ ଶୁଣାଣୀ ହୋଇଥିଲା । ଏହି ଅଭିଯୋଗ ଉପରେ ତଦନ୍ତ କରି ଓଡିଶା ଗ୍ରାମ ପଞ୍ଚାୟତ ଆଇନ ୧୧୫ ଧାରା ଅନୁସାରେ ୬ମାସ ମଧ୍ୟରେ ଅର୍ଥାତ୍ ୧।୧୨।୨୦୨୦ ସୁଦ୍ଧା ଆଇନ ଅନୁମୋଦିତ ଭାବେ ଚୁଡ଼ାନ୍ତ ନିର୍ଦ୍ଦେଶନାମା ପ୍ରକାଶ କରିବାକୁ ଜିଲାପାଳଙ୍କୁ କୋର୍ଟ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ରହିଥିଲା । ଆବେଦନକାରୀମାନେ ହାଇକୋର୍ଟଙ୍କ ନିର୍ଦ୍ଦେଶ ନକଲ ସହ ରିଟ୍ ପିଟିଶନ ଓ ସୂଚନା ଆଇନରେ ପ୍ରାପ୍ତ ହୋଇଥିବା ପଞ୍ଚାୟତ ରିଜୋଲେଶନ କାଗଜାତ ଜିଲାପାଳଙ୍କ ଅଦାଲତରେ ଦାଖଲ କରିଥିଲେ । ପରେ ଜିଲାପାଳଙ୍କ ଅଦାଲତରେ ୫୫/୨୦ରେ ମିସ୍ କେଶ ନମ୍ବର ପଞ୍ଜିକୃତ ହୋଇ ଉଭୟ ପକ୍ଷଙ୍କ ଜବାବ ସୁଆଲ ୧୧।୧୨।୨୦୨୦ ତାରିଖରେ ସମ୍ପନ୍ନ ହୋଇଛି । ଏପରି କି ଚୁଡ଼ାନ୍ତ ଶୁଣାଣୀ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । ତେବେ ଏଯାବତ ମିସ୍ କେଶର ଶୁଣାଣୀ ହୋଇ ପାରି ନ ଥିବାରୁ ଅଭିଯୋଗକାରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏପରି କି ଜିଲାପାଳଙ୍କୁ ଅଦାଲତ ଅବମାନନା ନୋଟିସ୍ କରିବାକୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯିବ ବୋଲି ଆବେଦନକାରୀ ନିରଞ୍ଜନ ମହାପାତ୍ରଙ୍କ ସମେତ ୱାର୍ଡମେମ୍ବରମାନେ ପ୍ରକାଶ କରିଛନ୍ତି ।

## ପୋଲିସ କର୍ମଚାରୀଙ୍କୁ କୋଭିଡ୍ କିଟ୍ ପ୍ରଦାନ

ଗୋଷାଣୀ: ଗଜପତି ଜିଲା ଗୋଷାଣୀ ବ୍ଲକ ବଡ଼ଗୋଷାଣୀ ଗ୍ରାମପଞ୍ଚାୟତ ଜଙ୍ଗଲପାଡୁ ନାକା ଗେଟ୍‌ଠାରେ କୋଭିଡ୍ ଯୋଦ୍ଧା ପୋଲିସ କର୍ମଚାରୀମାନଙ୍କୁ ଆନ୍ଧ୍ରପ୍ରଦେଶର ପଥର କ୍ୱାରି ମାଲିକ ଆଗଲା ଗଙ୍ଗାଧର ନାଇଡୁ ସାନିଟାଇଜର, ମାସ୍କ, ଫିଲ୍‌ଟର ପ୍ରଦାନ କରିଛନ୍ତି। ପୂର୍ବ ବର୍ଷ ମଧ ଏହି ସାମଗ୍ରୀ ପ୍ରଦାନ କରିଥିଲେ। ଏଏସ୍‌ଆଇ ଜଗନ୍ନାଥ ଦଳାଇ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସଂକ୍ଷେପରେ

### ଗଜପତିରେ ପୁଣି ୧୦୬ ପଜିଟିଭ୍

ପାରଳାଖେମୁଣ୍ଡି,୨୯।୫(ଡି.ଏନ୍.ଏ.) ଗଜପତି ଜିଲାରେ ଶନିବାର ପୁଣି ୧୦୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮,୦୬୩ରେ ପହଞ୍ଚିଛି। ସଂକ୍ରମିତଙ୍କ ମଧ୍ୟରୁ ପାରଳାଖେମୁଣ୍ଡିରେ ୧୯, ଗୋଷାଣୀ ବ୍ଲକରେ ୧୪, ଗୁମ୍ମା ବ୍ଲକରେ ୭, କାଶୀନାଗର ବ୍ଲକରେ ୧୬, ମୋହନା ବ୍ଲକରେ ୧୭, ନୂଆଗଡ଼ ବ୍ଲକରେ ୨୧, ଉଦୟଗିରି ବ୍ଲକରେ ୫, ରାୟଗଡ଼ ବ୍ଲକରେ ୬ ଏବଂ ଜିଲା ବାହାରୁ ଜଣେ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଏମାନଙ୍କ ଭିତରୁ ୪୬ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ, ୫୫ ସ୍ୱାସ୍ଥ୍ୟକର୍ମୀଙ୍କ ଯାଞ୍ଚ ବେଳେ ଏବଂ ୫ ଜଣ ବାହାରକୁ ଯାତ୍ରା କରିବା ସମୟରେ ଚିହ୍ନଟ ହୋଇଛନ୍ତି। ଏହା ବ୍ୟତୀତ ୬୪ ଜଣ ରୋଗୀ ସୁସ୍ଥ ହୋଇ ସେମାନଙ୍କ ଘରକୁ ଫେରିଛନ୍ତି।

### କୋଭିଡ୍ କାର୍ଯ୍ୟରେ ଯୋଗଦେଲେ ଅଙ୍ଗନୱାଡି କର୍ମୀ

ବୁଗୁଡ଼ା,୨୯।୫(ଡି.ଏନ.ଏ.)- କୋଭିଡ୍-୧୯ ଦ୍ୱିତୀୟ ଲହର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିସ ୱାର୍କର୍ସ ଆସୋସିଏଶନ ବୁଗୁଡ଼ା ଶାଖାର ଅଙ୍ଗନୱାଡି କର୍ମୀମାନେ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସଂଘ ତରଫରୁ ସଭାପତି ବାସନ୍ତୀ ପ୍ରଧାନ ଓ ସମ୍ପାଦିକା ଅନିତା ମିଶ୍ର ବୁଧବାର ସ୍ଥାନୀୟ ସିଡିପିଓଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି। ଏଥିସହ ସଂଘ ସ୍ଥାନୀୟ ବିଡିଓ ତନ୍ମୟ ପାତ୍ର, ଏନ୍‌ଏସି ଇଓ ରଶ୍ମିରଞ୍ଜନ ଦାଶ, ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କୁ ଏକ ପତ୍ର ମଧ ପ୍ରଦାନ କରିଛନ୍ତି। ସଂଘର କେତେକ ଦାବି ନେଇ ସେମାନେ କୋଭିଡ୍ କାର୍ଯ୍ୟରେ ସହଯୋଗ ନ କରିବା ପାଇଁ ଗତ କିଛିଦିନ ତଳେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ବର୍ତ୍ତମାନ ସେଥିମଧ୍ୟରୁ କେତେକ ଦାବି ପୂରଣ ହୋଇଥିବା ବେଳେ ଆଉ କେତେକ ଦାବି ଜିଲା ପ୍ରଶାସନ ପୂରଣ କରିବା ପାଇଁ ଜଣାଇଥିବାରୁ ଅଙ୍ଗନୱାଡି କର୍ମୀମାନେ କାର୍ଯ୍ୟରେ ଯୋଗଦେବା ପାଇଁ ସଂଘ ନିଷ୍ପତ୍ତି ନେଇଛି। ତେଣୁ ବର୍ତ୍ତମାନ ଆନ୍ଦୋଳନ ସ୍ଥଗିତ ରଖିବା ନେଇ ସଂଘ ନିଷ୍ପତ୍ତି ନେଇଥିବା ବେଳେ ସେମାନଙ୍କ ଅନ୍ୟ ଦାବି ଯଦି ପୂରଣ କରାନଯାଏ ତେବେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ମଧ ଦେଇଛନ୍ତି। ବର୍ତ୍ତମାନ କୋଭିଡ୍ କାର୍ଯ୍ୟରେ ଯୋଗଦେବା ପରେ ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ପ୍ରଶାସନର ନିଷ୍ପତ୍ତି ପ୍ରକାରେ ଶୀଘ୍ର କିଟ୍‌ସ, ମାସ୍କ, ଗ୍ଲୋବ୍‌ସ, ସାନିଟାଇଜର ଏବଂ ଫେସ୍‌ସିଲଡ ଯୋଗାଇବା ପାଇଁ ସଂଘ ଦାବି କରିଛି।

### ମହିଳାଙ୍କ ଆତ୍ମହତ୍ୟା

ଚିକିଟି,୨୯।୫(ଡି.ଏନ୍.ଏ.)- କେ.ନୂଆଗାଁ ଥାନା ପୁରୁଣା ମୈଶାନପୁର ଗ୍ରାମର ଜଣେ ମହିଳା ଶୁକ୍ରବାର କିରୋସିନ ଢାଳି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅଭିମନ୍ୟୁ ବେହେରାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି (୨୫)। ଗତ ୨୨ ତାରିଖରେ ପରିବାର ଲୋକେ ନଥିବାର ସୁଯୋଗ ନେଇ ପୁଷ୍ପାଞ୍ଜଳି ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ପରେ ପାଟି କରିବାରୁ ଗ୍ରାମବାସୀ ତାଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରୁ ବ୍ରହ୍ମପୁର ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇ ସତ୍କାର କରାଯାଇଛି। ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବା କେ.ନୂଆଗାଁ ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

### ୭ ବଖରା ଜଳିଗଲା

ଭଞ୍ଜନଗର,୨୯।୫(ଡି.ଏନ୍.ଏ) ଭଞ୍ଜନଗର ତହସିଲ ଅନ୍ତର୍ଗତ କାଠଚିରା ଆଦିବାସୀ ସାହିରେ ଶୁକ୍ରବାର କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ୭ ପରିବାରର ୭ ବଖରା ଜଳିଯାଇଛି। ଖବରପାଇ ଭଞ୍ଜନଗର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଦାବି ହୋଇଛି।

### ପୋଖରୀରୁ ଜଣଙ୍କ ମୃତଦେହ ଜବତ

ପାରଳାଖେମୁଣ୍ଡି,୨୯।୫: ପାରଳାଖେମୁଣ୍ଡି ସଙ୍କୁରି ବନ୍ଧରୁ ଶନିବାର ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ଉକ୍ତ ପୋଖରୀରେ ମୃତଦେହ ଭାସୁଥିବା ସେହି ଅଞ୍ଚଳର ଲୋକମାନେ ଦେଖି ସ୍ଥାନୀୟ ପୋଲିସକୁ ଜଣାଇଥିଲେ। ପୋଲିସ ଓ ଦମକଳ ବାହିନୀ ପହଞ୍ଚି ମୃତଦେହକୁ ପାଣିରୁ ବାହାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ।

# ଗଞ୍ଜାମରେ ୫.୮୩ ଲକ୍ଷଙ୍କୁ ଦିଆଗଲାଣି ଟିକା

- ବ୍ରହ୍ମପୁରରେ ୧୮-୪୪ ବୟସ୍କଙ୍କ ଲାଗି ସୁବିଧା
- ଛତ୍ରପୁରରେ ବ୍ୟବସ୍ଥା ପାଇଁ ଦାବି
- ଜିଲାପାଳଙ୍କୁ ସ୍ମାରକପତ୍ର

ଛତ୍ରପୁର,୨୯।୫(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଦିନକୁ ଦିନ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। କେରାନା ଟିକା ନେବାକୁ ଲୋକଙ୍କ ଆଗ୍ରହ ବଢ଼ିଛି। ଶୁକ୍ରବାର ସୁଦ୍ଧା ଜିଲାରେ ୫ ଲକ୍ଷ ୮୩ ହଜାର ୫୩୫ ଜଣଙ୍କୁ ଟିକାର ପ୍ରଥମ ଡୋଜ୍ ଦିଆଗଲାଣି। ସେଥିମଧ୍ୟରେ ୪ ଲକ୍ଷ ୭୯ ହଜାର ୩୯୯ ଜଣ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ଥିବାବେଳେ ୧ ଲକ୍ଷ ୪ ହଜାର ୧୩୬ ୧୮ ରୁ ୪୪ ବର୍ଷ ବୟସର ଅଛନ୍ତି। ଏଥିସହ ୧ ଲକ୍ଷ ୫ ହଜାର ୯୬୬ ଜଣ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଦ୍ୱିତୀୟ ଡୋଜ୍ ନେଇଛନ୍ତି। ଜିଲାର ସବୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ରହ୍ମପୁରର ବିଭିନ୍ନ ସେଣ୍ଟର ଏବଂ ଉପଖଣ୍ଡ ହସ୍ପିଟାଲରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ପାଇଁ ଟିକା ସୁବିଧା ଅଛି। ତେବେ କେବଳ ୧୮ ରୁ ୪୪ ବର୍ଷ ବୟସର ଲୋକଙ୍କ ପାଇଁ ବ୍ରହ୍ମପୁର ସେଣ୍ଟରରେ ସୁବିଧା ଅଛି। ଅପରପକ୍ଷରେ ବ୍ରହ୍ମପୁରରେ ୧୮ରୁ ୪୪ ବର୍ଷ ବୟସର ଲୋକଙ୍କୁ ଟିକା ମିଳୁଥିବାରୁ ଜିଲାର ବିଭିନ୍ନ ସ୍ଥାନରୁ ଏହି ବର୍ଗର ଲୋକେ ପଞ୍ଜୀକରଣ କରି ଏଠାକୁ ଟିକା ନେବାକୁ ଆସୁଛନ୍ତି। ଏପରିକି ଗଞ୍ଜାମର ପଡୋଶୀ ଜିଲା ଖୋର୍ଦ୍ଧା, ପୁରୀ ଓ ଗଜପତି ଜିଲାର ଲୋକେ ମଧ ବ୍ରହ୍ମପୁରକୁ ଟିକା ନେବାକୁ ଆସୁଥିବା ଜଣାପଡ଼ିଛି। ୪୫ରୁ ଊର୍ଦ୍ଧ୍ୱ ବୟସର ଲୋକ ସର୍ବାଧିକ ୯୨ ପ୍ରତିଶତ ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲରେ ଟିକା ନେଇଛନ୍ତି। ଏହି ବର୍ଗର ଲୋକ ସର୍ବନିମ୍ନ ୩୨ ପ୍ରତିଶତ ଧରାକୋଟ କେନ୍ଦ୍ରରେ ଟିକା ନେଇଥିବାବେଳେ ବୁଗୁଡ଼ା କେନ୍ଦ୍ରରେ ୩୭ ପ୍ରତିଶତ, ପାତ୍ରପୁର କେନ୍ଦ୍ରରେ ୩୬ ପ୍ରତିଶତ, ପୋଲସରାରେ ୩୭ ପ୍ରତିଶତ ଏବଂ ସାନଖେମୁଣ୍ଡି କେନ୍ଦ୍ରରେ ୩୩ ପ୍ରତିଶତ ଟିକା ନେଇଥିବା ସୂଚନା ଦିଆଯାଇଛି। ଛତ୍ରପୁରରେ ୧୮ ରୁ ୪୪ ବର୍ଷର ଲୋକଙ୍କ ପାଇଁ ଟିକା ନେବାର ସୁବିଧା ନାହିଁ। ଏପରିକି ବ୍ରହ୍ମପୁରକୁ ଯିବା ଆସିବା ପାଇଁ କଟକଣା ଯୋଗୁ ଗାଡ଼ି, ବସ ବନ୍ଦ ରହିଛି। ଏଥିଲାଗି ମଧ ଅନେକ ଛତ୍ରପୁରରୁ ବ୍ରହ୍ମପୁରକୁ ଟିକା ନେବା ପାଇଁ ଯାଇପାରୁନଥିବା ଜଣାପଡିଛି। ଛତ୍ରପୁରରେ ୧୮ ରୁ ୪୪ ବର୍ଷ ବୟସର ଲୋକଙ୍କ ପାଇଁ ଟିକା କେନ୍ଦ୍ର ଖୋଲିବାକୁ ଦାବି ହୋଇଛି। ରଷିକୁଲ୍ୟା ରୟତ ମହାସଭା, ଛତ୍ରପୁର କଂଗ୍ରେସ କମିଟି ଓ ୟୁଥ୍ ମାସ୍ ସେବା ସଂଘ ପକ୍ଷରୁ ପୃଥକ୍ ଭାବେ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି। ଜିଲାରେ ୧୬୩ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ୨ ଅଭିଯୁକ୍ତ ଗିରଫ

## ତହସିଲଦାର, ପୋଲିସକୁ ଆକ୍ରମଣ ଘଟଣା

ପାରଳାଖେମୁଣ୍ଡି,୨୯।୫(ଡି.ଏନ୍.ଏ.)


ଗିରଫ ୨ ଅଭିଯୁକ୍ତ।

ଆର.ଉଦୟଗିରି ତହସିଲଦାର, ପୋଲିସକୁ ଆକ୍ରମଣ ଘଟଣାରେ ଶନିବାର ପୋଲିସ ପୁଣି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଛେଲିଗଡ ଗ୍ରାମର ରୁନା ଲିମ୍ମା ଓ ସୁବିତ ହରିଶାଲ୍ୟା। ଏହାକୁ ମିଶାଇ ମୋଟ ଗିରଫଙ୍କ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି। ଅଭିଯୁକ୍ତମାନେ ବ୍ରହ୍ମପୁର ଯିବାକୁ ଉଦ୍ୟମ କରୁଥିବା ବେଳେ ମୋହନା ଥାନା ଅନ୍ତର୍ଗତ କମଳାପୁର ନାକା ପଏଣ୍ଟ ନିକଟରୁ ପୋଲିସ ଧରିଥିଲା। ଗତ ୭ ତାରିଖରେ ଛେଲିଗଡ ଗ୍ରାମ ଖ୍ରୀଷ୍ଟିୟାନ ସାହିରେ କୋଭିଡ୍ ନିୟମ ଉଲ୍ଲଂଘନ କରି ଏକ ବିବାହ ଶୋଭାଯାତ୍ରା ଚାଲିଥିଲା। ଆର.ଉଦୟଗିରି ତହସିଲଦାର ସ୍ମିତିରଞ୍ଜନ ସତପଥି ଓ ପୋଲିସ ପହଞ୍ଚି ଶୋଭାଯାତ୍ରା ବନ୍ଦ କରିବାକୁ କହିବାରୁ ସେମାନଙ୍କୁ ଆକ୍ରମଣ କରାଯାଇଥିଲା।

# ପ୍ରାଣୀ ସମ୍ପଦ ପ୍ରତି ଗୁରୁତ୍ୱ ଦେବାକୁ ଦାବି



ବିପର୍ଯ୍ୟସ୍ତ ଅବସ୍ଥାରେ ପ୍ରାଣୀ ଚିକିତ୍ସାଳୟ।

ଖଜୁରିପଡ଼ା/ବଲସକୁମ୍ପା, ୨୯।୫(ଡି.ଏନ.ଏ.)

ଖଜୁରିପଡ଼ା ବ୍ଲକ ଅଞ୍ଚଳରେ ନିର୍ମାଣ ହୋଇଥିବା ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ରଗୁଡିକ ଦୀର୍ଘଦିନ ହେବ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିଛି। ପ୍ରାଣୀ ସହାୟକ କେନ୍ଦ୍ରଗୁଡ଼ିକରେ ଆବଶ୍ୟକ ଡାକ୍ତର ରହୁ ନ ଥିବାରୁ ଗ୍ରାମାଞ୍ଚଳରେ ଗାଈଗୋରୁ ଉପରେ ନିର୍ଭର କରି ଚଳୁଥିବା ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭାରତ ଏକ କୃଷିପ୍ରଧାନ ଦେଶ। ତେଣୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନେ ମୁଖ୍ୟତଃ ଚାଷବାସ ଉପରେ ନିର୍ଭର କରି ଚଳନ୍ତି। ଏଥିପାଇଁ ଗୃହପାଳିତ ପ୍ରାଣୀମାନଙ୍କ ଚିକିତ୍ସା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ସରକାର ପ୍ରାଣୀ ସହାୟକ କେନ୍ଦ୍ର ଖୋଲି ସେଠାରେ ଡାକ୍ତର ନିଯୁକ୍ତି ଦେଇଛନ୍ତି। ହେଲେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନଙ୍କର ଅବହେଳା ଏବଂ ମନମୁଖି କାର୍ଯ୍ୟକଳାପ ଯୋଗୁ ଅନେକ ଗୃହପାଳିତ ପଶୁପକ୍ଷୀଙ୍କ ଜୀବନ ଯାଉଥିବା ଅଭିଯୋଗ ହେଉଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ନିର୍ମାଣ ହୋଇଥିବା ପ୍ରାଣୀ ସହାୟକ କେନ୍ଦ୍ରଗୁଡିକ ଏବେ ସାପବେଙ୍ଗର ବାସସ୍ଥଳୀ ପାଲଟିଗଲାଣି। ଏହି କେନ୍ଦ୍ରଗୁଡିକରେ ବର୍ଷ ବର୍ଷ ଧରି ତାଲା ଝୁଲୁଥିବା ବେଳେ ପ୍ରାଣୀ ଚିକିତ୍ସକ କେନ୍ଦ୍ରକୁ ଆସୁନଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଖଜୁରିପଡ଼ା ଠାରେ ଥିବା ଗୋଷ୍ଠୀ ପ୍ରାଣୀ ସହାୟକ କେନ୍ଦ୍ରର ଅବସ୍ଥା ମଧ ଏକାଭଳି। ଯଦିଓ ବ୍ଲକସ୍ତରୀୟ ପ୍ରାଣୀଧନ ଚିକିତ୍ସାଳୟ ରହିଛି କିନ୍ତୁ ସବୁ ସମୟରେ ଗୋ ସମ୍ପଦକୁ ତିତ୍‌କ୍ଷଣାତ ସେବା ଦେବା ସମ୍ଭବ ହୋଇପାରୁନାହିଁ। ଫଳରେ ଅନେକ ସମୟରେ ଗାଈଗୋରୁଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଯାଉଛି। ଜଣେ ଜଣେ ପ୍ରାଣୀଧନ ଚିକିତ୍ସକ ଏକାଧିକ କେନ୍ଦ୍ରର ଦାୟିତ୍ୱରେ ରହିଥିବାରୁ ଗୋ-ସମ୍ପଦ ସୁରକ୍ଷାରେ ଅନ୍ତରାୟ ସୃଷ୍ଟି ହେଉଥିବା ଜଣାଯାଉଛି। ଏ ଦିଗରେ ଜିଲାପାଳଙ୍କ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ସଚେତନ ରହିଲେ କରୋନା ହେବନି

ଭଞ୍ଜନଗର,୨୯।୫(ଡି.ଏନ୍.ଏ)

ବାଉଁଶଲୁଣ୍ଡିସ୍ଥିତ ମୁଭ୍ ଦି ୱାର୍ଲ୍ଡ ଏକାଡେମୀ ପକ୍ଷରୁ ଶନିବାର ଅନ୍‌ଲାଇନ୍ ମାଧ୍ୟମରେ କରୋନା ସଚେତନତା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ କୋରାପୁଟ ମେଡିକାଲ କଲେଜର ନିଶ୍ଚେତକ ବିଶେଷଜ୍ଞ ଡ. ଗୋପାଳ କୃଷ୍ଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକେ ଶତ ପ୍ରତିଶତ ସଚେତନ ରହିଲେ କରୋନା ହେବା ଆଶଙ୍କା ପ୍ରାୟ ନାହିଁ ବୋଲି କହିଥିଲେ। କରୋନାରୁ ଦୂରେଇ ରହିବାକୁ ହେଲେ ସାମାଜିକ ଦୂରତ୍ୱ ରଖିବା, ମାସ୍କ ଠିକ୍ ଭାବେ ବ୍ୟବହାର କରିବା, ବ୍ୟାୟାମ, ଯୋଗ କରିବା ସହ ସୁଷମ ଖାଦ୍ୟ ଗ୍ରହଣ କରିବାକୁ ପଡ଼ିବ। କରୋନାର ଦ୍ୱିତୀୟ ଲହର ଚାଲିଥିବା ବେଳେ ତୃତୀୟ ଲହର ଆସିବା ସମ୍ଭାବନା ରହିଛି। ଏଥିରେ ଛୁଆମାନେ ପ୍ରଭାବିତ ହେବା ଆଶଙ୍କା ରହିଛି। ତେଣୁ ସମସ୍ତେ ସଚେତନ ହୋଇ ପଦକ୍ଷେପ ନେବାକୁ ପଡ଼ିବ ବୋଲି ଡ. ନାୟକ କହିଥିଲେ। ମୁଭ୍ ଦି ୱାର୍ଲ୍ଡର ପରିଚାଳନା ନିର୍ଦ୍ଦେଶକ ଆଶିଷ କୁମାର କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ରୋଗ ପ୍ରତିରୋଧକ ଶକ୍ତି କିଭଳି ବୃଦ୍ଧି ପାଇବ ସେ ନେଇ କହିଥିଲେ।

# ଶିଶୁ ସୁରକ୍ଷା କମିଟି ବୈଠକ

ବେଗୁନିଆପଡ଼ା,୨୯।୫(ଡି.ଏନ୍.ଏ.)

ବେଗୁନିଆପଡ଼ା ବ୍ଲକ ସଭା ଗୃହ ପରିସରରେ ଶିଶୁ ସୁରକ୍ଷା ବୈଠକ ବିଡିଓ ବେଦବର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗଦେଇଥିଲେ। ଗତ ୧୯ ତାରିଖରେ ଷଣ୍ଢମୂଳ ପଞ୍ଚାୟତରେ ପ୍ରାଣ ହରାଇଥିବା ମୃତବ୍ୟକ୍ତିଙ୍କ ଦୁଇ ଝିଅ, ମର୍ଦ୍ଧମେଖ ପଞ୍ଚାୟତର ବଡ଼ ଗୁଡ଼ିଆଳି ଗ୍ରାମର ଦୁବାଇରେ ପ୍ରାଣ ହରାଇ ଥିବା ମୃତ ବ୍ୟକ୍ତିର ୨ ଶିଶୁ, କୋଦଳା ଏନ୍‌ଏସିର ୪ ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତି ପାଖରେ ହାଜର କରାଯାଇଥିଲା। କୋଦଳା ଶିଶୁମାନଙ୍କ ପରିବାରକୁ ରେଡକ୍ରସ ପକ୍ଷରୁ ୨୦ ହଜାର, ଗୁଡ଼ିଆଳିର ଶିଶୁଙ୍କ ପରିବାରକୁ ୧୦ ହଜାର ଟଙ୍କା ତହସିଲଦାର ପ୍ରଦାନ କରିଥିବା ବେଳେ ଅନ୍ୟ ଶିଶୁଙ୍କୁ ବିଇଓ ଗୁରୁ ଶିଶୁ କଲ୍ୟାଣ ପାଣ୍ଠିରୁ ପ୍ରଦାନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ଶିଶୁ ମଙ୍ଗଳ ସମିତିର ସଦସ୍ୟ ହରିହର ପାଢୀ, ଚାଇଲ୍ଡ ଲାଇନ କେନ୍ଦ୍ର ସଂଯୋଜକ ସାଇ ପ୍ରସାଦ ସାସମଲ, ତହସିଲଦାର ଅବନି କାନ୍ତ ସାହୁ, ବିଇଓ କମଳ କାନ୍ତ ସାହୁ, ସିଡିପିଓ ସନ୍ଧ୍ୟାରାଣୀ ପାଣିଗ୍ରାହୀ କାର୍ଯ୍ୟାଳୟର କର୍ମଚାରୀ କାମେଶ୍ୱର ପରିଡ଼ା, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

# ୫ ଜୁଆଡ଼ି ଗିରଫ, ୯ ହଜାର ଜବତ

ଦିଗପହଣ୍ଡି,୨୯।୫(ଡି.ଏନ୍.ଏ.)

ସାନଖେମୁଣ୍ଡି ବ୍ଲକ ରାମଚନ୍ଦ୍ରପୁର ଗ୍ରାମରେ ଚାଲିଥିବା ଜୁଆ ଆଡ୍ଡାରେ ଶୁକ୍ରବାର ପାଟପୁର ଥାନା ପୋଲିସ ଚଢାଉ କରି ୫ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୯ ହଜାର ଟଙ୍କା ଜବତ ହୋଇଛି। ରାମଚନ୍ଦ୍ରପୁର ଗ୍ରାମରେ ଜୁଆ ଆଡ୍ଡା ଚାଲିଥିବା ଖବରପାଇ ଆଇଆଇସି ସବ୍ୟସାଚୀ ମଲ୍ଲଙ୍କ ନେତୃତ୍ୱରେ ପୋଲିସର ସତନ୍ତ୍ର ସ୍କ୍ୱାଡ୍ ସେଠାରେ ଚଢ଼ାଉ କରିଥିଲେ। ତେବେ ପୋଲିସକୁ ଦେଖି କୌଶଳକ୍ରମେ କିଛି ଜୁଆଡି ଚମ୍ପଟ ମାରିଥିବା ଜଣାପଡିଛି।

# ମତ୍ସ୍ୟଜୀବୀଙ୍କ ଶହୀଦ ଦିବସ


ପ୍ରତିମୂର୍ତ୍ତି ସ୍ଥଳରେ ଉପସ୍ଥିତ ମତ୍ସ୍ୟଜୀବୀ ମହାସଂଘ କର୍ମକର୍ତ୍ତା।

ରମ୍ଭା,୨୯।୫

ଚିଲିକା ମତ୍ସ୍ୟଜୀବୀ ମହାସଂଘ, ଓଡ଼ିଶା ଆନୁକୂଲ୍ୟରେ ୧୯୯୯ରେ ସୋରଣ ଗୁଳିକାଣ୍ଡ ଘଟଣା ଘୋଡ଼ାଦୌଡ ଚିଲିକା ପେଣ୍ଠଠାରେ ଶହୀଦ ହୋଇଥିବା ୫ ମତ୍ସ୍ୟଜୀବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ମତ୍ସ୍ୟଜୀବୀ ମହାସଂଘ ସଭାପତି ମାଧବ ବେହେରା, ଉପସଭାପତି ଭୀମସେନ ବେହେରା, ସମ୍ପାଦକ ଦଣ୍ଡପାଣି ବେହେରା, ପୂର୍ବତନ ସଭାପତି ଅନାଦି ବେହେରା, ମୁରଲୀ ବେହେରା, ଉପଦେଷ୍ଟା ମଣ୍ଡଳୀ ତପନ ବେହେରା, ବିରଞ୍ଚି ବେହେରା, ଲୋଚନ ବେହେରା, ସୀତାରାମ ବେହେରା ଓ ଯୋଗୀ ବାଲା ପ୍ରମୁଖ ଯୋଗଦେଇଥିଲେ। କଟକଣା ମଧ୍ୟରେ ଏହି ଦିବସ ପାଳନ କରାଯାଇଥିଲା। ଶହୀଦ ସୁଦର୍ଶନ ବେହେରା, ଲିଙ୍ଗରାଜ ବେହେରା, ପ୍ରମିଳା ବେହେରା, ବାଞ୍ଛାନିଧି ବେହେରା ଓ ଦିଗମ୍ବର ବେହେରା ଅମର ରହେ ଉଚ୍ଚାରଣମାନ କରିଥିଲେ।

# କରୋନା ସଚେତନତା ୱେବିନାର

ଆସିକା,୨୯।୫(ଡି.ଏନ୍.ଏ.)

ଆସିକା ବିଜ୍ଞାନ ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ପକ୍ଷରୁ ଶୁକ୍ରବାର କଲେଜ ସ୍ତରୀୟ କୋଭିଡ-୧୯ ଦ୍ୱିତୀୟ ଲହର ସଚେତନତା ୱେବିନାର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ଜିବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ବିଭାଗର ଦକ୍ଷିଣ ଓଡ଼ିଶା କ୍ଷେତ୍ରୀୟ ନିର୍ଦ୍ଦେଶକ ଡା.ଲକ୍ଷ୍ମୀ ନାରାୟଣ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ରୂପେ ଗଞ୍ଜାମ ଜିଲା ଏନ୍‌ଏସ୍‌ଏସ୍ ଯୋଜନା ଅଧିକାରୀ ଡା. ସ୍ୱର୍ଣ୍ଣଲତା ପଟ୍ଟନାୟକ, ଆୟୁଷ ଡାକ୍ତର କୃଷ୍ଣଚରଣ ପାଳ ପ୍ରମୁଖ ଯୋଗଦେଇ କୋଭିଡ ଏବଂ ବ୍ଲାକ ଫଙ୍ଗସରୁ ଉଦ୍ଧାର ପାଇବାର ବିଭିନ୍ନ ଉପାୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ସେମାନଙ୍କର ବିଭିନ୍ନ ପ୍ରଶ୍ନ ମାଧ୍ୟମରେ ସନ୍ଦେହ ଦୂର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସ୍‌ଏସ ଅଧିକାରୀ ଡା. ସସ୍ମିତା ପାତ୍ର, ଦୟାନିଧି ବାଡରଇତ, କେଦାରନାଥ ପଣ୍ଡା ପ୍ରମୁଖ ସାମିଲ ଥିଲେ।

# ରାସ୍ତା କାମ ପାଇଁ ଶିଳାନ୍ୟାସ


ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ଦିଗପହଣ୍ଡି,୨୯।୫(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ କୁଶପଡ଼ା ପଞ୍ଚାୟତର ବହୁ ପ୍ରତୀକ୍ଷିତ ପତାଣ୍ଡ ଗ୍ରାମଠାରୁ ତିତିଖଣ୍ଡି ଗ୍ରାମ ରାସ୍ତା ସଂଯୋଗୀକରଣ ନିମନ୍ତେ ରାସ୍ତା ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ବ୍ଲକ ଉପାଧ୍ୟକ୍ଷା ପ୍ରତିନିଧି ଏମ୍ . ନିରଞ୍ଜନ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାସ୍ତା ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ। ପତାଣ୍ଡ ଗ୍ରାମଠାରୁ ସାନଖେମୁଣ୍ଡି ବ୍ଲକ ସାହସପୁର- ତିତିଖଣ୍ଡି ଗ୍ରାମକୁ ଯିବାକୁ ହେଲେ ଗ୍ରାମବାସୀଙ୍କୁ ବହୁ ରାସ୍ତା ଅତିକ୍ରମ କରିଯିବାକୁ ପଡୁଥିଲା। ଏନେଇ ଗ୍ରାମବାସୀ ଦିଗପହଣ୍ଡି ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ କହିଥିଲେ। ବିଧାୟକଙ୍କ ପରାମର୍ଶକ୍ରମେ ଏହି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। କୁଶପଡା ସରପଞ୍ଚ ପ୍ରତିନିଧି ଏସ୍. ଗାନ୍ଧୀ ଦୋରା, ନାଏବ ସରପଞ୍ଚ ପ୍ରତିନିଧି ଆର.ଦେବହରି ଦୋରା, ସାମାଜିକ କର୍ମୀ ଜି. ସନ୍ତୋଷ ଦୋରା, ବି. ବାଲାଜୀ ରେଡ୍ଡୀ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ୟାସ୍ ପ୍ରଭାବିତଙ୍କୁ ସହାୟତା



ଉପସ୍ଥିତ ଏନ୍‌ଏସି ଅଧିକାରୀ।

ବୁଗୁଡ଼ା,୨୯।୫(ଡି.ଏନ.ଏ.)

ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବୁଗୁଡ଼ା ଏନ୍‌ଏସି ତତ୍ତ୍ୱାବଧାନରେ ୟାସ୍ ପ୍ରଭାବିତଙ୍କୁ ସହାୟତା ଦିଆଯାଇଛି। ସହରର କିଛି ବଦାନ୍ୟ ବ୍ୟକ୍ତି ଓ ସଙ୍ଗଠନ ସ୍ୱତଃ ପ୍ରବୃତ୍ତ ଭାବେ ୧୦୦ ବସ୍ତା ଚୂଡା ଏବଂ ଏକ ଲିଟିରିଆ ୧୦୦୦ଟି ଶୁଦ୍ଧ ପାଣି ବୋତଲ ୟାସ୍ ପ୍ରଭାବିତ ପରିବାରଙ୍କ ପାଇଁ ସଂଗ୍ରହ କରି ସ୍ଥାନୀୟ ପ୍ରଶାସନକୁ ଅର୍ପଣ କରିଥିଲେ। ସ୍ଥାନୀୟ ପ୍ରଶାସକ ତଥା ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ୍ ଏବଂ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାଶଙ୍କ ଉପସ୍ଥିତିରେ ଶୁକ୍ରବାର ଏନ୍‌ଏସି ପ୍ରଶାସନ ତରଫରୁ ଉକ୍ତ ଚୂଡା ଓ ପାଣି ବୋତଲ ଏକ ଟ୍ରକ୍ ଯୋଗେ ୟାସ୍ ପ୍ରଭାବିତଙ୍କ ସହାୟତା ପାଇଁ ଭଦ୍ରକ ଜିଲା ପ୍ରଶାସନ ନିକଟକୁ ପଠାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଏସିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସମ୍ପେଡ଼ପଦରରେ ପାନୀୟ ଜଳ ସମସ୍ୟା

ଖଜୁରିପଡ଼ା/ବଲସକୁମ୍ପା, ୨୯।୫(ଡି.ଏନ.ଏ.)


ନଳକୂପରୁ ପାଣି ସଂଗ୍ରହ କରୁଛନ୍ତି ମହିଳା।

ଖଜୁରିପଡା ବ୍ଲକ ସମ୍ପେଡ଼ପଦର ଗ୍ରାମରେ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗାଁରେ ଥିବା ନଳକୂପ ଯଥେଷ୍ଟ ପାଣି ଯୋଗାଇ ପାରୁନାହିଁ। ଉକ୍ତ ଗ୍ରାମରେ ପ୍ରାୟ ୭୦ ରୁ ୮୦ ପରିବାର ବସବାସ କରନ୍ତି। ଏଠାରେ ନଳକୂପ ଅଛି, ତାହା ଅତି ପୁରୁଣା ହୋଇଥିବାରୁ ସେଥିରୁ ପିଇବା ପାଣି ଠିକ୍ ଭାବେ ମିଳୁନାହିଁ। କେତୋଟି ନଳକୂପର ପାଣି ଟିକେ ପିଇବା ପାଇଁ ବ୍ୟବହାର ହେଉଛି। ଲୋକସଂଖ୍ୟା ଅଧିକ ହେତୁ ତାହା ମଧ ପାଣି ଯୋଗେଇ ପାରୁନାହିଁ। କିଛି ବର୍ଷ ପୂର୍ବେ ଏହି ଗ୍ରାମକୁ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ନୂଆଗାଁ ପଞ୍ଚାୟତ ରଣପାଟୁଲି ଗ୍ରାମରେ ଥିବା ଟାଙ୍କିରୁ ପାଣି ଯୋଗାଇ ଦିଆଯାଉଥିଲା। ସେହି ସମୟରେ ଲୋକମାନେ ଯଥେଷ୍ଟ ପାଣି ପାଉଥିଲେ। କିନ୍ତୁ ତାହା କୌଣସି କାରଣ ଯୋଗୁ ପୁଣି ବନ୍ଦ କରି ଦିଆଗଲା। ଫଳରେ ଏବେ ଏହି ଗାଁରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଖରାଦିନେ ନଳକୂପଗୁଡ଼ିକ ପାଣି ଯୋଗାଇ ନ ପାରିଲେ ନାଳରୁ କିମ୍ବା ଚୁଆ ଖୋଳି ଆଣି ତାହା ପିଇବା ପାଇଁ ବ୍ୟବହାର କରାଯାଏ। ଏ ନେଇ ସରପଞ୍ଚ ଧନଞ୍ଜୟ ମଲ୍ଲିକଙ୍କୁ ବାରମ୍ବାର ଅଭିଯୋଗ କରିଥିବା ଗ୍ରାମବାସୀ କହିଛନ୍ତି। ସେହିପରି ବିଡିଓ ରବୀନ୍ଦ୍ର ନାଥ କହଁରଙ୍କୁ ମଧ ଲିଖିତ ଅଭିଯୋଗ କରିବାରୁ ଅଳ୍ପଦିନ ମଧ୍ୟରେ ପାଣି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଆଜିକୁ ପ୍ରାୟ ୨ ମାସ ବିତିଯାଇଥିଲେ ସୁଦ୍ଧା ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

ଅନ୍ୟପକ୍ଷରେ ସରକାର କୋଟି କୋଟି ଟଙ୍କା ବ୍ୟୟବରାଦ କରି ପ୍ରତ୍ୟେକ ଗ୍ରାମକୁ ବସୁଧା ଯୋଜନା ମାଧ୍ୟମରେ ପିଇବା ପାଣି ଯୋଗାଉଛନ୍ତି। କିନ୍ତୁ ଏଠି ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁ ଏହି ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇପାରିନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମକୁ ଯଦି ଉଠା ଜଳସେଚନ ପ୍ରକଳ୍ପରେ ପାଣି ଯୋଗାଇ ଦିଆଯାଆନ୍ତା କିମ୍ବା ନୂତନ ପ୍ରକଳ୍ପ କରି ସେଥିରୁ ପିଇବା ପାଣି ଯୋଗାଇ ଦିଆଯାଆନ୍ତା ତା'ହେଲେ ସମସ୍ୟା ଦୂର ହୋଇପାରନ୍ତା ବୋଲି ଗ୍ରାମବାସୀ କହିଛନ୍ତି। ସରକାର ପାନୀୟ ଜଳ ସମସ୍ୟାକୁ ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ସରପଞ୍ଚଙ୍କ ପ୍ରତିକ୍ରିୟା ନେବାରୁ ଯଥାଶୀଘ୍ର ସମାଧାନ କରାଯିବ ବୋଲି ସେ କହିଛନ୍ତି।